## ସଂକ୍ଷେପରେ

### ବଳାତ୍କାର ଅଭିଯୋଗରେ ଜଣେ ଗିରଫ

**ଆସିକା,୧୩।୧୦ (ଡି.ଏନ୍.ଏ.):** ଆସିକା ଥାନା ଅନ୍ତର୍ଗତ ପଥରା ଗ୍ରାମରେ ଜଣେ ମହିଳାଙ୍କୁ ବିବାହର ପ୍ରଲୋଭନ ଦେଖାଇ ବଳାତ୍କାର କରାଯାଇଥିବା ଅଭିଯୋଗ ହେଇଛି । ମହିଳା ଜଣକ ଶନିବାର ଆସିକା ଥାନାରେ ଅଭିଯୋଗ କରିବା ପରେ ନଂ.୩୬୯/୧୯ରେ ମାମଲା ରୁଜୁ କରାଯାଇଛି । ରବିବାର ପୋଲିସ ଅଭିଯୋଗକାରୀ ଓ ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା କରିବାପରେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ମେଘା ଦାସ। ରବିବାର ଅପରାହ୍ନରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି । ଅଭିଯୋଗରେ ପ୍ରକାରେ, ପଥରା ଗ୍ରାମର ଏହି ମହିଳାଙ୍କ ସ୍ୱାମୀ ୮ ବର୍ଷ ହେଲା ଘରୁ କେଉଁଆଡେ ଚାଲିଯାଇଛନ୍ତି। ସେ ଏକୁଟିଆ ରହୁଥିବାର ସୁଯୋଗ ନେଇ ଅଭିଯୁକ୍ତ ଜଣକ ତାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖି ଆସୁଥିଲେ। ଏବେ ସେ ଅନ୍ୟତ୍ର ବିବାହ କରିବାପରେ ମହିଳା ଥାନାର ଦ୍ୱାରସ୍ଥ ହୋଇଥିଲେ।

### ଫେରାର ଅଭିଯୁକ୍ତ ଗିରଫ

**ଆସିକା,୧୩।୧୦ (ଡି.ଏନ୍.ଏ.):** ଆସିକା ପୋଲିସ ପକ୍ଷରୁ ଶନିବାର ରାତିରେ ଆସିକା ଥାନା ମୁକୁନ୍ଦପୁର ଓ ଆସିକା ଏନ୍ଏସିର ବସଷ୍ଟାଣ୍ଡ ସାହିରେ ଚଢ଼ାଉ କରାଯାଇ ୨ ଫେରାର ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ସେମାନେ ହେଲେ ମୁକୁନ୍ଦପୁର ଗ୍ରାମର ଅରୁଣ ବେହେରା ଓ ବସଷ୍ଟାଣ୍ଡ ସାହିର ରାଜୁ ପରଦେଶୀ। ଅରୁଣଙ୍କ ୨୦୦୯ରେ ଏକ ହତ୍ୟା ଉଦ୍ୟମ ମାମଲାରେ ସମ୍ପୃକ୍ତ ଥିବାବେଳେ ପରଦେଶୀ ଚୋରି ମାମଲାରେ ସଂପୃକ୍ତ ଥିଲେ। ଅଦାଲତରେ ହାଜର ହେଉ ନ ଥିବାରୁ ୱାରେଣ୍ଟ ଜାରି କରାଯାଇଥିଲା।

### ମହିଳା ଫାଇନାନ୍ସ କର୍ମଚାରୀଙ୍କଠାରୁ ୬୦ ହଜାର ଲୁଟ୍

**ଖଲ୍ଲିକୋଟ, ୧୩।୧୦ (ଡି.ଏନ.ଏ.):** ଖଲ୍ଲିକୋଟ ବ୍ଲକ ନିର୍ମଳଝର ନିକଟ ସିଧାପଲି ରାସ୍ତାରେ ରବିବାର ଦୁର୍ବୃତ୍ତମାନେ ଜଣେ ମହିଳା ଫାଇନାନ୍ସ କର୍ମଚାରୀଙ୍କୁ ମାଡ଼ ମାରି ୬୦ ହଜାର ଟଙ୍କା ଲୁଟି ନେଇଛନ୍ତି। ଏ ନେଇ ନଂ. ୨୮୨/୧୯ରେ ମାମଲା ରୁଜୁ କରି ସ୍ଥାନୀୟ ପୋଲିସ ତଦନ୍ତ ଚଳାଇଛି। କୋଦଳାଠାରେ ଥିବା ଅନ୍ନପୂର୍ଣ୍ଣା ଫାଇନାନ୍ସ କମ୍ପାନୀର ମହିଳା କର୍ମଚାରୀ ନିବେଦିତା ଦାସ ପୂର୍ବାହ୍ନ ୧୦ଟାରେ ସିଧାପଲି ଗ୍ରାମରୁ ଫାଇନାନ୍ସ ଟଙ୍କା ସଂଗ୍ରହ କରି ନିଜ ସ୍କୁଟି ଯୋଗେ ଫେରୁଥିଲେ। ନିର୍ମଳଝର ନିକଟ ସିଧାପଲି ରାସ୍ତାରେ ୩ ଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ତାଙ୍କ ସ୍କୁଟିକୁ ଧକ୍କା ମାରିବା ସହ ତାଙ୍କୁ ମାଡ଼ ମାରି ଡିକିରୁ ୬୦ ହଜାର ଟଙ୍କା ଲୁଟି ନେଇଥିଲେ। ନିବେଦିତା ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଚିକିତ୍ସିତ ହେବା ପରେ ଥାନାରେ ଏତଲା ଦେଇଛନ୍ତି।

### ସତ୍‌ସଙ୍ଗ କେନ୍ଦ୍ରରେ ରକ୍ତଦାନ ଶିବିର

**ଦାମନଯୋଡ଼ି,୧୩।୧୦(ସ୍ୱ.ପ୍ର.):** ସ୍ଥାନୀୟ ଭେଜାପୁଟ ସତ୍‌ସଙ୍ଗ କେନ୍ଦ୍ରଠାରେ କୁମାର ପୂର୍ଣ୍ଣିମା ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ପ୍ରତିକୂଳ ପାଗ ସତ୍ତ୍ୱେ ଶିବିରରୁ ୫୫ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା । ରକ୍ତଦାତାଙ୍କ ମଧ୍ୟରେ ଉପବାସ କରିଥିବା କେତେଜଣ ଝିଅ ରକ୍ତଦାନ କରିଥିଲେ। ସତ୍‌ସଙ୍ଗ କେନ୍ଦ୍ର ସଭାପତି ପୁରୁଷୋତ୍ତମ ମହନ୍ତ, ଅଜୟ କୁମାର ଜେନା, କୋରାପୁଟ ରକ୍ତଭଣ୍ଡାର ଅଧିକାରୀ ଡା. ରତିକାନ୍ତ ଖଟୁଆ, ଯୁବ ରେଡକ୍ରସ୍ କାଉନସେଲର ଡ. ନରେଶ ଚନ୍ଦ୍ର ସାହୁ ପ୍ରମୁଖ ଶିବିର ପରିଚାଳନା କରିଥିବା ବେଳେ ଭି. ଗଙ୍ଗାଧର, ରଞ୍ଜିତ ସାହୁ, ରୀନା ଓ ସଞ୍ଜୟ ରକ୍ତ ସଂଗ୍ରହ କରିଥିଲେ । ଏଥିରେ ଟାଉନସିପ୍ ସରସ୍ୱତୀ ବିଦ୍ୟା ମନ୍ଦିରର ଯୁବ ରେଡକ୍ରସ୍ ସଦସ୍ୟମାନେ ସହଯୋଗ କରିଥିଲେ। ଏହି ଅବସରରେ କୋରାପୁଟ ରକ୍ତଭଣ୍ଡାର ତରଫରୁ ୪ଟି ନୂତନ ବେଡ୍ ଲୋକାର୍ପିତ ହୋଇଥିଲା।

### କୁମାର ପୂର୍ଣ୍ଣିମାରେ ଅନ୍ନଦାତ୍ରୀଙ୍କ ଆବାହନ

**କୋରାପୁଟ,୧୩।୧୦(ସ୍ୱ.ପ୍ର.):** କୋରାପୁଟ ସହରରେ ରବିବାର ପ୍ରବଳ ବର୍ଷା ସତ୍ତ୍ୱେ ଗଜଲକ୍ଷ୍ମୀ ପୂଜା ପାଇଁ ସବୁଠି ଉତ୍ସାହ ଦେଖିବାକୁ ମିଳିଛି। ଚଳିତ ବର୍ଷ ସହରର କଳା ନିକେତନ ଛକରେ ଡି-ଗ୍ରୁପ୍, ବଜାର ସଂଘ ପକ୍ଷରୁ ଶାବର ଶ୍ରୀକ୍ଷେତ୍ର ମନ୍ଦିର ଛକ, ଭାଣ୍ଡିସାହି, ଟିକିରା ସାହି, ଟାଲେଣ୍ଟ କଲେଜ ନିକଟରେ ଥିବା ହାଉସିଂ ବୋର୍ଡ କଲୋନୀ, ପୋଲିସ କଲୋନୀରେ ଅନ୍ନଦାତ୍ରୀଙ୍କୁ ଆରାଧନା ଚାଲିଛି। ମଣ୍ଡପ ସାଜସଜ୍ଜା ସହ ରଙ୍ଗିନ ଆଲୋକମାଳା ଲାଗିଛି। କୁମାର ପୂର୍ଣ୍ଣିମା ଅବସରରେ କୁମାରୀମାନେ ଚଉଁରା ନିକଟରେ ଜହ୍ନ ଦେଖି ପୂଜାର୍ଚ୍ଚନା କରିଛନ୍ତି। ଏହି ଅବସରର ଖୁସିକୁ ଦ୍ୱିଗୁଣିତ କରିଛି ତାସ୍ ଖେଳ।

# ବମକେଇରେ ରାଜନୈତିକ ହିଂସା, ୩ ଅଟକ

**ଦିଗପହଣ୍ଡି,୧୩।୧୦(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ବମକେଇ ଗାଁରେ ଗତ ପଞ୍ଚାୟତ ନିର୍ବାଚନ ପରଠାରୁ ରାଜନୈତିକ ହିଂସା କମିବାର ନାଁ ଧରୁନି। ରବିବାର ସକାଳ ପ୍ରାୟ ୮ଟାରେ ଗ୍ରାମର ଏକ ନିର୍ଦ୍ଦିଷ୍ଟ ଦଳର କର୍ମୀ ନିରାକାର ପ୍ରଧାନଙ୍କୁ ବିପକ୍ଷ ଗୋଷ୍ଠୀର କିଛି ସମର୍ଥକ ଲୁହାଛଡ଼ରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ପ୍ରତି ଆକ୍ରମଣରେ ସୁମନ ପ୍ରଧାନ ଆହତ ହୋଇଥିବା କେ.ନୂଆଗାଁ ଥାନାରେ ପାଲଟା ଅଭିଯୋଗ କରାଯାଇଛି। ଆଇଆଇସି ମାଧବାନନ୍ଦ ନାୟକ ଉଭୟପକ୍ଷଙ୍କ ଏତଲାକୁ ଭିତ୍ତି କରି ନଂ. ୨୦୦/୧୯ ଓ ୨୦୧/୧୯ରେ ପୃଥକ୍ ମାମଲା ରୁଜୁ କରିଛନ୍ତି। ପୋଲିସ ଉଭୟ ଗୋଷ୍ଠୀର ୩ ଜଣ ଅଭିଯୁକ୍ତଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ସୋମବାର ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ତଦନ୍ତକାରୀ ପୋଲିସ ଏସ୍ଆଇ ଜ୍ଞାନରଞ୍ଜନ ସେଠୀ କହିଛନ୍ତି।

ସକାଳେ ନିରାକାର ତାଙ୍କ ବାଇକ୍ ଯୋଗେ କୌଣସି କାମରେ ଯାଉଥିବା ବେଳେ ବାଟରେ ବିପକ୍ଷ ଗୋଷ୍ଠୀର ସୁମନଙ୍କ ସହ ଯୁକ୍ତିତର୍କ ଧସ୍ତାଧସ୍ତି ହୋଇଥିଲା। ନିରାକାରଙ୍କୁ ଲୁହାଛଡ଼ରେ ଆକ୍ରମଣ କରାଯାଇଥିବା ବେଳେ ନିରାକାରଙ୍କ ଆକ୍ରମଣରେ ସୁମନ ଆହତ ହୋଇଛନ୍ତି। ଘଟଣାସ୍ଥଳରେ ସୁମନଙ୍କ ମା' ପହଞ୍ଚି ଛଡାଇବାରୁ ନିରାକାର ତାଙ୍କୁ ଅସଦାଚରଣ କରିଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଘଟଣାକୁ କେନ୍ଦ୍ରକରି ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ଚାପା ଉତ୍ତେଜନା ଲାଗି ରହିଥିଲେ ମଧ୍ୟ ପରିସ୍ଥିତି ନିୟନ୍ତ୍ରଣାଧୀନ ଥିବା ଆଇଆଇସି କହିଛନ୍ତି। ପ୍ରକାଶ ଯେ, ବୁଧବାର ରାତି ପ୍ରାୟ ସାଢ଼େ ୯ ଟାରେ ଗାଁରେ ଦୁର୍ଗା ମେଢ ଭସାଣି ଚାଲିଥିବା ବେଳେ ବିପକ୍ଷ ଗୋଷ୍ଠୀର ଅଟୋ ଚାଳକ ହୃଷୀକେଶ ପ୍ରଧାନ ତାଙ୍କ ଅଟୋ ନେଇ ଘରକୁ ଫେରୁଥିବା ସମୟରେ ତାଙ୍କୁ ଅଟୋରୁ ଟାଣି ନେଇ ଅପର ଗୋଷ୍ଠୀର ଯୁବକ ମାନେ ସଂଘବଦ୍ଧ ଆକ୍ରମଣ କରିଥିଲେ। ପରେ ଅପରଗୋଷ୍ଠୀ ପକ୍ଷରୁ ପ୍ରତିଆକ୍ରମଣ କରାଯାଇଥିଲା। ଉଭୟ ଗୋଷ୍ଠୀଙ୍କ ପକ୍ଷରୁ ଦିଆଯାଇଥିବା ଏତଲାକୁ ଭିତ୍ତିକରି ପୋଲିସ ନଂ. ୧୯୪/୧୯ ଓ ୧୯୫/୧୯ରେ ଦୁଇଟି ମାମଲା ରୁଜୁ କରି ଗୋଟିଏ ଗୋଷ୍ଠୀର ହରି ଓରଫ ହରିଶ୍ଚନ୍ଦ୍ର ପ୍ରଧାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

# ଅନ୍ଧବିଶ୍ୱାସ ଦୂର ପାଇଁ ସଚେତନତା



ମଞ୍ଚାସୀନ ଅତିଥିବୃନ୍ଦ

**ଖଲ୍ଲିକୋଟ,୧୩।୧୦(ଡି.ଏନ.ଏ.)**

ଖଲ୍ଲିକୋଟ ବ୍ଲକ ଗୋପପୁର ଗ୍ରାମ ନିକଟ ଚକାଠାକୁର ମନ୍ଦିର ନିକଟରେ ସ୍ଥାନୀୟ ପୋଲିସ ସୌଜନ୍ୟରେ ଗୁଣିଗାରେଡ଼ି ଅନ୍ଧବିଶ୍ୱାସ ଦୂର ପାଇଁ ରବିବାର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଖଲ୍ଲିକୋଟ ଆଇଆଇସି ସତ୍ୟ ରଞ୍ଜନ ପ୍ରଧାନଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଛତ୍ରପୁର ଏସ୍‌ଡିପିଓ ଉତ୍କଳ କେଶରୀ ଦାସ, ଉତ୍କଳ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ପ୍ରତାପ କୁମାର ରଥ, ହେତୁବାଦୀ ଏକ୍ସପର୍ଟ୍ ସୁଧାଂଶୁ କୁମାର ଧଡ଼ା, ଖଲ୍ଲିକୋଟ ତହସିଲଦାର ଚିତ୍ତରଞ୍ଜନ ମହାନ୍ତ, ଖଲ୍ଲିକୋଟ ବିଧାୟକ ପ୍ରତିନିଧି ଦଇତାରି ବେହେରା, ବ୍ଲକ ଅଧ୍ୟକ୍ଷା ପ୍ରତିନିଧି ରତ୍ନାକର ସାହୁ, ଜିଲା ପରିଷଦ ସଭ୍ୟ ଗଙ୍ଗାଧର ଖୁଣ୍ଟିଆ ପ୍ରମୁଖ ମଞ୍ଚାସୀନ ଥିଲେ। ଆଇନଜୀବୀ ସୁଧାଂଶୁ ସାହୁ, ବିପ୍ର ଚରଣ ସାହୁ, ଶିକ୍ଷକ, ବହୁ ବୁଦ୍ଧିଜୀବୀ, ଜନସାଧାରଣ ଉପସ୍ଥିତ ଥିଲେ । ଏସ୍ଆଇ ସିଲୁ ଧଳଙ୍କ ସମେତ ପୋଲିସ କର୍ମଚାରୀ ଏହାକୁ ପରିଚାଳନା କରିଥିଲେ।

# ଘୁମୁସର ଲେଖିକା ସଂସଦ ପକ୍ଷରୁ ଚାରା ରୋପଣ

**ଭଞ୍ଜନଗର, ୧୩।୧୦ (ଡି.ଏନ.ଏ)**

ଘୁମୁସର ଲେଖିକା ସଂସଦ ପକ୍ଷରୁ ରବିବାର ସ୍ଥାନୀୟ ଶ୍ରୀରାମନଗରସ୍ଥିତ ଶ୍ରୀଅରବିନ୍ଦ ଶକ୍ତିପୀଠରେ ଔଷଧୀୟ ଚାରା ରୋପଣ କରାଯାଇଥିଲା। ଆୟୋଜିତ ଉତ୍ସବରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ସଭାପତି କୃତିବାସ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଔଷଧୀୟ ବୃକ୍ଷର ମହତ୍ତ୍ୱ ସମ୍ପର୍କରେ କହିଥିଲେ। ସଂସଦର ସଭାନେତ୍ରୀ ରୀତାରାଣୀ ମହାପାତ୍ର ଉତ୍ସବରେ ଅଧ୍ୟକ୍ଷତା କରିଥିବାବେଳେ ସମ୍ପାଦିକା ନଳିନୀ ପ୍ରଭା ଦାସ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସଭ୍ୟା ଡ଼ା. ଗାୟତ୍ରୀ ସାହୁ, ପ୍ରଭାତି ମଞ୍ଜରୀ ବେହେରା, ସଙ୍ଗୀତା ପଣ୍ଡା, ରଞ୍ଜୁଲତା ବେହେରା, ସସ୍ମିତା ଦାସ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।



ଉତ୍ସବରେ ଉପସ୍ଥିତ କର୍ମକର୍ତ୍ତା।

### ବାଇକ୍ ଦୁର୍ଘଟଣାରେ ଜଣେ ମୃତ, ୨ ଆହତ

**ପୋଲସରା, ୧୩।୧୦**

ପୋଲସରା ବ୍ଲକ ଗମ୍ଭାରୀ ନାଳଠାରେ ରବିବାର ସନ୍ଧ୍ୟାରେ ଏକ ବାଇକ୍ ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨ ଜଣ ଆହତ ହୋଇଛନ୍ତି। ମୃତକ ହେଲେ ଜାଡେଙ୍ଗାପଦର ଗ୍ରାମର ଭିକାରୀ ଚରଣ ସ୍ୱାଇଁଙ୍କ ପୁତ୍ର ବସନ୍ତ କୁମାର (୧୭)। ଆହତମାନେ ହେଲେ ସଂଗ୍ରାମ ପ୍ରଧାନ ଓ ସୋଡକ ଗ୍ରାମର ଶିବରାମ ଭୂୟାଁ। ପ୍ରାକଶ ଯେ, ବସନ୍ତ, ସଂଗ୍ରାମ ଓ ଶିବରାମ ଏକ ବାଇକ୍‌ରେ ଗୋଚ୍ଛାବାଡ଼ି ଗ୍ରାମରୁ ନିଜ ଗାଁକୁ ଫେରୁଥିବା ବେଳେ ଗମ୍ଭାରୀନାଳଠାରେ ବାଇକ୍‌ଟି ଦୁର୍ଘଟଣା ଗ୍ରସ୍ତ ହୋଇଥିଲା। ଆହତଙ୍କୁ ଉଦ୍ଧାର କରାଯାଇ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ପରେ ବସନ୍ତ ଓ ଶିବରାମଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ବସନ୍ତଙ୍କୁ ମୃତ ଘୋଷଣା କରିଥିଲେ।

# ମୋ ଗୋପାଳପୁର କାର୍ଯ୍ୟକ୍ରମ



ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

**ଗୋପାଳପୁର,୧୩।୧୦**

ସପ୍ତମ ରବିବାର ସନ୍ଧ୍ୟାରେ ମୋ ଗୋପାଳପୁର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ପାଇଁ ଗୋପାପଲୁର ବେଳାଭୂମିକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ଉଦ୍ଦେଶ୍ୟରେ ଜିଲା ପ୍ରଶାସନ ଓ ଗୋପାଳପୁର ଏ୍‌ନଏସି ପକ୍ଷରୁ ଏଭଳି କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଉମାଶଙ୍କର ସେଠୀଙ୍କ ସଭାପତିତ୍ୱରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର ନ କରିବାକୁ ସଚେତନ କରାଯାଇଥିଲା। ସନ୍ଧ୍ୟା ପ୍ରାୟ ୬ଟାରେ ଆୟୋଜିତ ମୋ ଗୋପାଳପୁର କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳ ଓ ଗୋପାଳପୁରସ୍ଥିତ ଶ୍ରଦ୍ଧା ସଞ୍ଜୀବନୀ ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶେଷରେ ଅତିଥିଙ୍କ ଦ୍ୱାରା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ବହୁ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଏଭଳି କାର୍ଯ୍ୟକ୍ରମ ପ୍ରତ୍ୟେକ ରବିବାର ହେଉଛି ।

# ଜୁଆ ଆଡ୍ଡାରେ ଚଢ଼ାଉ, ୮୭ ଗିରଫ

**ଭଞ୍ଜନଗର, ଆସିକା, ପାତ୍ରପୁର, ଶେରଗଡ, ଗୋପାଳପୁର, କନିଷି, ଦିଗପହଣ୍ଡି, ଚିକିଟି, ୧୩।୧୦(ଡି.ଏନ.ଏ)**

କୁମାର ପୂର୍ଣ୍ଣିମା ପାଇଁ ଗଞ୍ଜାମ ଜିଲାର ବିଭିନ୍ନ ସ୍ଥାନରେ ଜୁଆଖେଳ ଚାଲିଛି। ଭଞ୍ଜନଗର ପୋଲିସ ରବିବାର ଭଞ୍ଜନଗର ସହର ଷୋଡ଼ଙ୍ଗୀ, ବାଣତୁମ୍ବରେ ଚାଲିଥିବା ୩ ଜୁଆ ଆଡ୍ଡା ଉପରେ ଚଢ଼ାଉ କରି ୧୭ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନଙ୍କଠାରୁ ୫୯ ହଜାର ଟଙ୍କା ଜବତ କରାଯାଇ କୋର୍ଟ ଚାଲାଣ କରାଯାଇଛି।

ସେହିପରି ଆସିକା ଥାନା ନୂଆଗାଁ ଗ୍ରାମରେ ଚାଲିଥିବା ୨ଟି ଜୁଆ ଆଡ୍ଡା ଉପରେ ଶନିବାର ବିଳମ୍ବିତ ରାତିରେ ଚଢ଼ାଉ କରାଯାଇ ୧୦ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତଙ୍କ ନିକଟରୁ ୨୭ହଜାର ୫ଶହ ଟଙ୍କା ଜବତ ହୋଇଛି। ରବିବାର ଅପରାହ୍ନରେ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି।

ଜରଡ଼ା ଥାନା ସପଙ୍ଗ ନିକଟସ୍ଥ ଦାମୋଦରପଲ୍ଲୀସ୍ଥିତ ଜୁଆ ଆଡ୍ଡାରେ ଶନିବାର ରାତିରେ ଜରଡ଼ା ପୋଲିସ ଚଢ଼ାଉ କରି ୩ ଜଣଙ୍କୁ ଗିରଫ କରିବା ସହ ୧ ଲକ୍ଷ ୭ ହଜାର ୭ ଶହ ଟଙ୍କା ଜବତ କରିଛି। ନଂ.୧୭୮/୧୯ରେ ଜୁଆଡିଙ୍କୁ କୋର୍ଟ ଚାଲାଣ କରାଯାଇଛି।

ସେହିପରି ଶେରଗଡ଼ ବ୍ଲକ କଣଭାଗ ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଚଢ଼ାଉ କରି ୪ଜଣଙ୍କୁ ଗିରଫ କରିବା ସହ ୬ହଜାର ଟଙ୍କା ଜବତ କରିଥିଲା।

ଗୋଳନ୍ଥରା ଓ ଗୋପାଳପୁର ଥାନା ପୋଲିସ ଶନିବାର ରାତିରେ ତିନୋଟି ସ୍ଥାନରୁ ୧୦ ଜଣ ଜୁଆଡିଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଶାସନପଦର ନୂଆ ସାହି ଜୁଆ ଆଡ୍ଡାରୁ ୫ ଜଣ, ରଙ୍ଗିପୁରରୁ ୩ ଜଣ, ଗୋପାଳପୁର ବଡସାହିରୁ ୨ ଜଣଙ୍କୁ ଗିରଫ କରାଯାଇଛି। ୨୬ହଜାର ୧୯୦ ଟଙ୍କା ଜବତ ହୋଇଛି।

ଦିଗପହଣ୍ଡି ଓ କେ.ନୂଆଗାଁ ଥାନା ପୋଲିସ ବିଭିନ୍ନ ସ୍ଥାନରେ ଚାଲିଥିବା ଜୁଆ ଆଡ୍ଡା ଉପରେ ଚଢ଼ାଉ କରି ୨୩ ଜୁଆଡିଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୫୬୩୬୦ ଟଙ୍କା ଜବତ ହୋଇଛି। ରବିବାର ଅପରାହ୍ନରେ ସମସ୍ତ ଅଭିଯୁକ୍ତଙ୍କୁ ଦିଗପହଣ୍ଡି କୋର୍ଟକୁ ଚାଲାଣ କରାଯାଇଛି। ଅନନ୍ତେଇ ଗ୍ରାମ ଜୁଆ ଆଡ୍ଡାରେ ଚଢ଼ାଉ କରି ୪ଜଣଙ୍କୁ ଗିରଫ କରିବା ସହ ୧୧୩୯୦ ଟଙ୍କା, ଲଙ୍ଗଳଦେଇ ଗ୍ରାମରୁ ୫ ଜଣଙ୍କୁ ଗିରଫ କରି ୧୪୧୪୦ ଟଙ୍କା, ଆଦିକନ୍ଦପୁର ଗ୍ରାମ ଜୁଆଆଡ୍ଡାରୁ ୫ ଜଣଙ୍କୁ ଗିରଫ କରି ୧୨୫୭୦ ଟଙ୍କା, ଦେଓଖାଳି, ଜକର ଓ ଚିକିଟିପେଣ୍ଠ ଗ୍ରାମରେ ଚାଲିଥିବା ଜୁଆ ଆଡ୍ଡାରେ ଚଢ଼ାଉ କରି ୯ ଜୁଆଡିଙ୍କୁ ଗିରଫ କରିବା ସହ ୧୮୨୬୦ ଟଙ୍କା ଜବତ କରାଯାଇଛି।

ସେହିପରି ହିଞ୍ଜିଳି ପୋଲିସ ଶନିବାର ବିଭିନ୍ନ ସ୍ଥାନରେ ଚାଲିଥିବା ଜୁଆ ଆଡ୍ଡା ଉପରେ ଚଢ଼ାଉ କରି ୨୦ ଜଣଙ୍କୁ ଗିରଫ କରାଯାଇଛି। କରାଖଣ୍ଡି ଗ୍ରାମରେ ଚାଲିଥିବା ଜୁଆ ଆଡ୍ଡାରେ ଚଢ଼ାଉ କରି ୪ଜଣ, ଗୋଦରାପଲ୍ଲୀ ଗ୍ରାମରୁ ୮ଜଣ, ଖରିଡ଼ା ଗ୍ରାମରେ ୨ଟି ସ୍ଥାନରେ ଚଢ଼ାଉ କରି ୮ଜଣ ଜୁଆଡିଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

# ଆମ ପୋଲିସ ବୈଠକ

**ଶଙ୍କରାଖୋଲ, ୧୩।୧୦ (ଡି.ଏନ୍.ଏ.)**

ଚକାପାଦ ଥାନାରେ ରବିବାର ଆମ ପୋଲିସ ବୈଠକ ଥାନାଧିକାରୀ ତପନ ତରୁଣ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜି.ଉଦୟଗିରି ଏସ୍‌ଡିପିଓ ଜୟକୃଷ୍ଣ ବେହେରା, ଚକାପାଦ ଏମ୍‌ପି ପ୍ରତିନିଧି ଉମାଚରଣ ମଳିକ, କଖାରୁଝୋଳ ସରପଞ୍ଚ ମମତା ପ୍ରଧାନ, ସମିତି ସଭ୍ୟ ବାସନ୍ତୀ ମଳିକ ପ୍ରମୁଖ ଯୋଗଦେଇଥିଲେ। ବୈଠକରେ ଚକାପାଦ ଅଞ୍ଚଳରେ ଥିବା ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରାଯାଇଥିଲା। ଏଥିରେ ଏଏସ୍ଆଇ ସୀମାଞ୍ଚଳ ନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଥାନାଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ।



ବୈଠକରେ ଉପସ୍ଥିତ ଥାନାଧିକାରୀଙ୍କ ସହ ଅନ୍ୟମାନେ।

ଏବେ ଫୁଲ ପରେ ଫାଇନ କାର୍ଯ୍ୟକ୍ରମ ଉଦ୍‌ଘାଟିତ

# ପ୍ଲାଷ୍ଟିକ ବ୍ୟବହାରକାରୀଙ୍କୁ ଗୋଲାପ ଫୁଲ ଦେଲେ ଜିଲାପାଳ



ଏବେ ଫୁଲ ଓ ପରେ ଫାଇନ କାର୍ଯ୍ୟକ୍ରମ ଜିଲାପାଳ ଉଦ୍‌ଘାଟନ କରୁଛନ୍ତି।

**ଗୋପାଳପୁର,୧୩।୧୦**

ପ୍ଲାଷ୍ଟିକ ଓ ପଲିଥିନ ବର୍ଜନ କରିବା ପାଇଁ ଏବେ ଫୁଲ ଓ ପରେ ଫାଇନ କାର୍ଯ୍ୟକ୍ରମ ରବିବାର ସନ୍ଧ୍ୟାରେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଉଦ୍‌ଘାଟନ କରିଛନ୍ତି । ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଲା ଭାରତ ଏବଂ ଓଡ଼ିଶା ସରକାର ପକ୍ଷରୁ ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର ନ କରିବାକୁ କଟକଣା ଜାରି କରାଯାଇଛି। ଏହି ପରିପ୍ରେକ୍ଷୀରେ ଜିଲାପାଳ କୁଲାଙ୍ଗେ, ବ୍ରହ୍ମପୁର ଉପଜିଲାପାଳ ସିନ୍ଦେ ଦତ୍ତାତ୍ରୟ ଭାଉସାହେବ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀ ଉମା ଶଙ୍କର ସେଠୀ ଗୋପାଳପୁର ଏନ୍ଏସି ବେଳାଭୂମିରେ ଖୋଲିଥିବା ଦୋକାନଗୁଡ଼ିକ ବୁଲି ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର କରୁଥିବା ଦୋକାନୀମାନଙ୍କୁ ଗୋଲାପ ଫୁଲ ଓ ଲିଫଲେଟ୍ ପ୍ରଦାନ କରିବା ସହ ଦୋକାନ ସମ୍ମୁଖରେ ଡଷ୍ଟବିନ ବ୍ୟବହାର କରିବାକୁ କହିଥିଲେ। ପ୍ଲାଷ୍ଟିକ ବ୍ୟବହାର କରୁଥିବା ଜନସାଧାରଣଙ୍କୁ ଅକ୍ଟୋବର ଶେଷ ସପ୍ତାହ ଯାଏ ଗୋଲାପ ଫୁଲ ଓ ଲିଫଲେଟ୍ ପ୍ରଦାନ କରାଯିବା ସହ ସଚେତନତା କରାଯିବ ବୋଲି ଜିଲାପାଳ କହିଥିଲେ। ଏହାକୁ ଅବମାନନା କଲେ ନଭେମ୍ବର ପ୍ରଥମ ସପ୍ତାହରୁ କାର୍ଯ୍ୟାନୁଷ୍ଠାନ ସହ ଜରିମାନା ଆଦାୟ କରାଯିବ ବୋଲି ସେ କହିଥିଲେ । ଏହି ଅବସରରେ ସୁପରଭାଇଜର କେ. ଅନୀତା, ଅନାମିକା ପଟ୍ଟନାୟକ, ସରିତାରାଣୀ ପଟ୍ଟନାୟକ, ଅଙ୍ଗନୱାଡ଼ି କର୍ମୀ ଓ ଗୋପାଳପୁର ଅଞ୍ଚଳବାସୀ ଉପସ୍ଥିତ ଥିଲେ।

# ପାଇପ ପାଣିରେ ଜୋକ

**ତୁମୁଡ଼ିବନ୍ଧ,୧୩।୧୦(ଡି.ଏନ୍.ଏ.)**

ସରକାର ବସୁଧା ଯୋଜନାରେ ଗ୍ରାମାଞ୍ଚଳର ଜନସାଧାରଣଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇବା ପାଇଁ କୋଟିକୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ ଏହା କନ୍ଧମାଳ ଜିଲ୍ଲା ତୁମୁଡିବନ୍ଧ ବ୍ଲକରେ ବିଫଳ ହୋଇଛି। ରବିବାର ସନ୍ଧ୍ୟା ସମୟରେ ପଞ୍ଚାୟତ ତରଫରୁ ତୁମୁଡିବନ୍ଧ ରାଜସ୍ୱ ଗ୍ରାମକୁ ଯୋଗାଇ ଦିଆଯାଉଥିବା ପାନୀୟ ଜଳରେ ଜୋକ ବାହାରୁଥିବା ଦେଖିବାକୁ ମିଳିଛି। ତୁମୁଡ଼ିବନ୍ଧ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖ ହାଟପଦା ସାହିରେ କେତେଜଣ ମହିଳା ପିଇବା ପାଣି ସଂଗ୍ରହ କରୁଥିବାବେଳେ ଏହି ଘଟଣା ନଜରକୁ ଆସିଛି। ଏହାପରେ ସେମାନେ ନାଳ ପାଣି ନେଇଥିବା ଜଣାପଡିଛି। ଏହି ପାଣି ତୁମୁଡ଼ିବନ୍ଧ ମେଡିକାଲ, ଅମ୍ବେଦକର ଛକ, ତହସିଲ କାର୍ଯ୍ୟାଳୟ, ହାଇସ୍କୁଲ, ମାଉସିମାସାହି, ମୁଖ୍ୟ ବଜାର ଆଦିକୁ ଯୋଗାଣ ହେଉଛି। ଏହି ଯୋଗାଣ ପାଣିରେ ବ୍ଲିଚିଂ ପାଉଡର ପକାଯାଉନାହିଁ। ବିଭିନ୍ନ ସ୍ଥାନରେ ପାଇପ ଫାଟି ନର୍ଦ୍ଦମା ପାଣି ପଶୁଛି। ଏପରି ପୂର୍ବରୁ ଅନେକବାର ହୋଇଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ ଶୁଣୁ ନ ଥିବା ଲୋକେ ଅଭିଯୋଗ କରିଛନ୍ତି। ଏନେଇ ତୁମୁଡିବନ୍ଧ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜୟଦେବ ଦାଶଙ୍କୁ ପଚାରିବାରୁ କିଭଳି ପାଣିରେ ଜୋକ ବାହାରୁଛି ତାର ତଦନ୍ତ କରାଯାଇ ସ୍ୱଚ୍ଛ ପିଇବା ପାଣି ଯୋଗାଇ ଦେବା ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।



# ବିପଦସଙ୍କୁଳ ଅବସ୍ଥାରେ ସୁଇ ଶଙ୍ଖ

**ହାତୀଓଟ,୧୩।୧୦**

ହାତୀଓଟଠାରୁ ବାଲିପଦର ରାସ୍ତାଟିର ସୁଇଶଙ୍ଖ ଅରଖପୁର ଗ୍ରାମର ମଠ ପାର୍ଶ୍ୱକୁ ଲାଗିଥିବା ଜାଗାରେ ଅବସ୍ଥିତ। ପୂର୍ତ୍ତ ବିଭାଗ ଦ୍ୱାରା ନିର୍ମାଣ କରାଯାଇଥିବା ଏହି ଶଙ୍ଖ ବର୍ତ୍ତମାନ ବିପଦ ସଂକୁଳ ଅବସ୍ଥା ଦେଇ ଗତି କରୁଛି। ସୁଇଶଙ୍ଖ ଦେଇ ପ୍ରତ୍ୟେକ ଦିନ ଶତାଧିକ ଯାନବାହନ ଯିବା ଆସିବା କରୁଛି। ବର୍ତ୍ତମାନ ସୁଇଶଙ୍ଖର ଦୁଇପାର୍ଶ୍ୱକୁ ଲାଗି ପାର୍ଶ୍ୱକାନ୍ଥ ନ ଥିବାରୁ ଶଙ୍ଖଠାରୁ ୬ ଇଞ୍ଚ ହେବ ରାସ୍ତାଟି ଦବିଯାଇଛି। ଫଳରେ ୨ ମାସ ହେବ ଉକ୍ତ ରାସ୍ତା ଦେଇ ଶଙ୍ଖ ଉପରେ ଗମନାଗମନ ସମୟରେ ବହୁ ଲୋକ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। କିନ୍ତୁ ବିଭାଗୀୟ ଅଧିକାରି ମାନେ ଏହାକୁ ମରାମତି କରୁନାହନ୍ତି। ପୂର୍ତ୍ତବିଭାଗ ସୁଇଶଙ୍ଖର ଉଭୟ ପାର୍ଶ୍ୱ ରାସ୍ତା ତ୍ୱରାନ୍ୱିତ ଭାବେ ନିର୍ମାଣ ନ କଲେ ଅସନ୍ତା ଦିନରେ ହାତୀଓଟ ବାଲିପଦର ରାସ୍ତାକୁ ବନ୍ଦ କରିବା ସହ ଜନ ଆନ୍ଦୋଳନ କରାଯିବ ବୋଲି ଅରଖପୁର ଗ୍ରାମବାସୀ ଚେତାବନୀ ଦେଇଛନ୍ତି । ଏ ନେଇ ପୂର୍ତ୍ତ ବିଭାଗ ଅଧିକାରିଙ୍କ ସହ ଫୋନ୍‌ରେ ଯୋଗାଯୋଗ କରିଥିଲେ ମଧ୍ୟ ସମ୍ଭବ ହୋଇପାରିନଥିଲା ।

### ନିର୍ମାଣ ନ ହେଲେ ଆନ୍ଦୋଳନ ଚେତାବନୀ



ସୁଇ ଶଙ୍ଖ।

**ସଂକ୍ଷେପରେ**

## ଟ୍ରକରେ ପିଟିହେଲା ପିକ୍‌ଅପ୍, ଚାଳକ ମୃତ



**ଛତ୍ରପୁର, ୧୩।୧୦(ଡି.ଏନ.ଏ. ):** ଛତ୍ରପୁର ନିକଟ ଜାତୀୟ ରାଜ ପଥରେ ଶନିବାର ରାତି ପ୍ରାୟ ୧୧ ଟାରେ ଅଟକି ରହିଥିବା ଏକ ଟ୍ରକ ପଛକୁ ଧକ୍କା ଦେଇ ଏକ ପିକ୍‌ଅପ୍ ଭ୍ୟାନ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଭ୍ୟାନ ଚାଳକ ପ୍ରକାଶ ସ୍ୱାଇଁଙ୍କର ମୃତ୍ୟୁ ଘଟିଛି । ଏଥସହ ହେଲପର ଗୁରୁତର ହୋଇଛନ୍ତି । ଛତ୍ରପୁର ଜାତୀୟ ରାଜପଥରେ ଏକ ଟ୍ରକ(ଏପି ୩୦ ଟିଏ ୪୨୯୯) ଛିଡା ହୋଇ ଥିବା ବେଳେ ବ୍ରହ୍ମପୁରରୁ କଟକ ଯାଉଥିବା ଏକ ପିକ୍‌ଅପ୍ ଭ୍ୟାନ (ଓଆର୦୫ ଏ ଭି୮୩୦୭) ପଛ ପଟୁ ଧକା ଦେଇଥିଲା। ଫଳରେ ପିକ୍‌ଅପ୍ ଭ୍ୟାନ ଚାଳକ ଓ ହେଲ୍‌ପର ଗୁରୁତର ହୋଇଥିଲେ। ଘଟଣା ସ୍ଥଳରେ ଅଗ୍ନିଶମ କର୍ମଚାରୀ ଓ ଆମ୍ବୁଲାନ୍ସ ପହଞ୍ଚି ଦୁଇ ଆହତଙ୍କୁ ପ୍ରଥମେ ଛତ୍ରପୁର ହସ୍ପିଟାଲ ଆଣିଥିଲେ । ପରେ ବ୍ରହ୍ମପୁର ବଡ ମେଡିକାଲ ପଠାଯାଇଥିଲା। ସେଠାରେ ପ୍ରକାଶଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ଛତ୍ରପୁର ଥାନା ପୋଲିସ ଏକ ମାମଲା (ନଂ ୨୫୭/୧୯) ରୁଜୁ କରିଛି।

## ଦେଶୀ ମଦ ଜବତ, ୩ ଗିରଫ

**ଫିରିଙ୍ଗିଆ, ୧୩।୧୦:** କନ୍ଧମାଳ ଜିଲା ଗୋଚ୍ଛାପଡା ଥାନା ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଦେଶୀ ମଦ, ପୋଚ ଜବତ କରିଛି । ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରାଯାଇଛି । ସେମାନେ ହେଲେ ମୁଣ୍ଡାସାହିର ଗୋପାଳ ବିନ୍ଧାଣୀ, କେନ୍ଦୁରା ମଲ୍ଲିକ ଓ ଗୁନୁକୁମ୍ପା ଗ୍ରାମର ନରେନ୍ଦ୍ର ଦିଗାଲ । ସେମାନଙ୍କଠାରୁ ୩୦ ଲିଟର ମହୁଲି ଏବଂ ପୋଚ ଜବତ ହୋଇଛି । ଏ ନେଇ ଥାନାରେ ପୃଥକ ଭାବେ ୬୪, ୬୫ ଓ ୬୬/୧୯ରେ ମାମଲା ରୁଜୁ ହୋଇଛି ।

## ଜି.ଉଦୟଗିରିରେ ଲକ୍ଷ୍ମୀ ପୂଜା



**ଜି.ଉଦୟଗିର,୧୩।୧୦(ଡି.ଏନ.ଏ.):** ଜି.ଉଦୟଗିରିରେ ରବିବାର କୁମାର ପୂର୍ଣ୍ଣମୀ ସନ୍ଧ୍ୟାରେ ବିଭିନ୍ନ ମଣ୍ଡପରେ ମା' ଗଜଲକ୍ଷ୍ମୀ ପୂଜା ଆରମ୍ଭ ହୋଇଛି। ବରାଳିନୀ ମାର୍କେଟ ପୂଜା କମିଟି ଓ ଲକ୍ଷ୍ମୀବଜାର କମିଟି ତରଫରୁ ପୂଜା ଆରମ୍ଭ ହୋଇଛି। ବରାଳିନୀ ମାର୍କେଟ ପୂଜା କମିଟି ତରଫରୁ ଲାଲୁ ପରିଛା, ପୁସୁ ପାତ୍ର ଓ ବଟକୃଷ୍ଣ ଦାସଙ୍କ ସମେତ ପୂଜା କମିଟି ସଦସ୍ୟ ଏହାକୁ ପରିଚାଳନା କରିଥିଲେ। ସେହିପରି ଲକ୍ଷ୍ମୀ ବଜାର ପୂଜା କମିଟି ତରଫରୁ ସୁରେନ୍ଦ୍ର ଦାଶ, ପ୍ରତାପ ପଣ୍ଡା ଓ ଦେବୀ ପ୍ରସାଦ ଦାଶଙ୍କ ସମେତ କମିଟି ସଦସ୍ୟମାନେ ଲକ୍ଷ୍ମୀ ବଜାର ପୂଜା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ବୁଗୁଡ଼ା,୧୩।୧୦(ଡି.ଏନ.ଏ.):** ବୁଗୁଡ଼ା ବ୍ଲକ ରାମଣ୍ଡା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବଂଶୀଧର ଦାଶଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଅନୁଷ୍ଠିତ ଉତ୍ସବରେ ଗ୍ରାମ କମିଟି ସଭାପତି ପାଣ୍ଡବ ଦଳାଇ ଅଧକ୍ଷତା କରିଥିଲେ। ଏଥିରେ ସେବା ନିବୃତ୍ତ ଶିକ୍ଷକ ସଂଘ ସଭାପତି ବିଶ୍ୱମୋହନ ମିଶ୍ର, ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ମନୋରଞ୍ଜନ ଦାଶ, ଶିକ୍ଷକ କାଳୀ ଚରଣ ଆଚାର୍ଯ୍ୟ, ସିଆରସିସି ରାଜ କିଶୋର ଦାଶ ପ୍ରମୁଖ ଯୋଗଦେଇ ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ବିଭିନ୍ନ ଆଦର୍ଶ ଗୁଣାବଳୀ ଉପରେ ଆଲୋଚନା କରିଥିଲେ । ଶେଷରେ ପ୍ରଶାନ୍ତ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

### ମାଟ୍ରିକ୍ ପରୀକ୍ଷା ଫଳରେ ଉନ୍ନତି ଉଦ୍ୟମ

# ମିଶନ୍ 'ଡ୍ରିମ୍'ରୁ ସଫଳତାର ସ୍ୱପ୍ନ

**ବ୍ରହ୍ମପୁର ଅଫିସ୍,୧୩।୧୦**

ଆସନ୍ତା ବର୍ଷ ଅର୍ଥାତ୍ ୨୦୨୦ରେ ଗଞ୍ଜାମ ଜିଲାରେ ମାଟ୍ରିକ୍ ପରୀକ୍ଷା ଫଳାଫଳରେ ଉନ୍ନତି ଆଣିବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ତତ୍ତ୍ୱାବଧାନରେ ମିଶନ୍ 'ଡ୍ରିମ୍' ପ୍ରସ୍ତୁତ କରାଯାଇଛି। ଗଞ୍ଜାମ ଜିଲା ଶିକ୍ଷା ଅଧିକାରୀଙ୍କ ତରଫରୁ ପ୍ରସ୍ତୁତ ରୋଡ୍‌ମ୍ୟାପ୍‌ରେ ସଫଳତା ପାଇଁ ୨୦ ଫର୍ମୁଲା ରଖାଯାଇଛି। ଏନେଇ ସମସ୍ତ ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଚିଠି କରାଯାଇଛି। ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କ ପାଇଁ ସ୍ୱତନ୍ତ୍ର ମେଣ୍ଟର୍, ରବିବାର ଏବଂ ଛୁଟି ଦିନରେ ପାଠପଢ଼ା ଏବଂ ପ୍ରତି ସୋମବାର ଏବଂ ଗୁରୁବାରରେ କମନ୍ ଟେଷ୍ଟ ଆୟୋଜନ ଆଦି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି।

ଚିଠିରେ ଉଲ୍ଲେଖ ରହିଛି, ୨୦୨୦ ମାଟ୍ରିକ୍ ପରୀକ୍ଷା ପ୍ରଶ୍ନପତ୍ରରେ ପରିବର୍ତ୍ତନ କରାଯିବ। ନୂତନ ପ୍ରଶ୍ନପତ୍ର ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଅବଗତ କରିବାର ଆବଶ୍ୟକତା ରହିଛି। ଜିଲାର କେତେକ ବିଦ୍ୟାଳୟ ଏ ଦିଗରେ ପଦକ୍ଷେପ ନେବା ଆରମ୍ଭ କରିସାରିଛନ୍ତି। ଗତ ବର୍ଷ ଭଳି ଚଳିତ ବର୍ଷ କେତେକ ବିଦ୍ୟାଳୟ ରବିବାର ଏବଂ ଛୁଟି ଦିନରେ ଦଶମ ଛାତ୍ରୀଛାତ୍ରଙ୍କୁ ପଢ଼ାଇବା ଆରମ୍ଭ କରିଦେଇଛନ୍ତି। ସମସ୍ତ ବିଦ୍ୟାଳୟ ଏହି ପଦକ୍ଷେପ ନେବା ଜରୁରୀ। ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ଛାତ୍ରୀଛାତ୍ରଙ୍କ ଆଗ୍ରହକୁ ଦୃଷ୍ଟିରେ ରଖି ମିଶନ୍ 'ଡ୍ରିମ୍(ଡ୍ରାଇଭ୍ ଫର୍ ରେଜଲ୍‌ଟ ଏନ୍‌ହାନ୍ସମେଣ୍ଟ ଇନ୍ ଆନୁଆଲ୍ ମାଟ୍ରିକୁଲେଶନ୍ ଏକ୍ସାମିନେଶନ୍)' କାର୍ଯ୍ୟକାରୀ କରିବାକୁ ମ୍ୟାପ୍ ପ୍ରସ୍ତୁତ କରାଯାଇଛି। ଏହି ଯୋଜନା ଅନୁଯାୟୀ, ଟେଷ୍ଟ ପରୀକ୍ଷା ପୂର୍ବରୁ ପ୍ରତ୍ୟକ ସୋମବାର ଏବଂ ଗୁରୁବାର ଦୁଇଟି ବିଷୟରେ କମନ୍ ଟେଷ୍ଟ ଆୟୋଜନ କରାଯିବ। ସୋମବାରରେ ପଡୁଥିବା ଅକ୍ଟୋବର ୨୧ ଏବଂ ନଭେମ୍ବର ୧୧ତାରିଖରେ ଗଣିତ, ଅକ୍ଟୋବର ୨୮ ଏବଂ ୧୮ତାରିଖରେ ସାଧାରଣ ବିଜ୍ଞାନ, ନଭେମ୍ବର ୪ ଏବଂ ୨୫ତାରିଖରେ ସାମାଜିକ ବିଜ୍ଞାନ ପରୀକ୍ଷା ଅନୁଷ୍ଠିତ ହେବ। ଅକ୍ଟୋବର ୨୪(ଗୁରୁବାର) ଏବଂ ନଭେମ୍ବର ୧୫(ଶୁକ୍ରବାର)ରେ ଇଂଲିଶ, ଗୁରୁବାରରେ ପଡୁଥିବା ଅକ୍ଟୋବର ୩୧ ଏବଂ ନଭେମ୍ବର ୨୧ତାରିଖରେ ଓଡ଼ିଆ ଓ ନଭେମ୍ବର ୭ ଏବଂ ୨୮ତାରିଖରେ ତୃତୀୟ

- ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କ ପାଇଁ ରହିବେ ମେଣ୍ଟର
- ଛୁଟିଦିନ, ରବିବାରରେ ହେବ ପାଠପଢ଼ା
- ସବୁ ସୋମବାର, ଗୁରୁବାର କମନ୍ ଟେଷ୍ଟ
- ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ ହେବ ଫଳାଫଳ

ଭାଷା(ହିନ୍ଦୀ ଏବଂ ସଂସ୍କୃତ) ପରୀକ୍ଷା ଆୟୋଜିତ ହେବ। ଜିଲାସ୍ତରରେ ପ୍ରଶ୍ନପତ୍ର ପ୍ରସ୍ତୁତ କରାଯିବ। ଏସବୁ ପରୀକ୍ଷା ପାଇଁ ଛାତ୍ରୀଛାତ୍ରଙ୍କଠାରୁ କୌଣସି ପ୍ରକାର ଦେୟ ଆଦାୟ କରାଯିବ ନାହିଁ। ପରୀକ୍ଷା ପାଣ୍ଠିରୁ ଖର୍ଚ୍ଚ କରାଯିବ। ଛାତ୍ରୀଛାତ୍ରମାନେ ନିଜେ ନୋଟ୍‌ବୁକ୍ ଧରି ପରୀକ୍ଷାକୁ ଆସିବେ। ଯଦି କୌଣସି ଆର୍ଥିକ ଅନଗ୍ରସର ଛାତ୍ରୀଛାତ୍ର ନୋଟ୍‌ବୁକ୍ କିଣିବାକୁ ଅସମର୍ଥ ପ୍ରକାଶ କରନ୍ତି, ତେବେ ବିଦ୍ୟାଳୟସ୍ତରରେ ସେମାନଙ୍କ ପାଇଁ ପାଣ୍ଠି ସଂଗ୍ରହ କରାଯିବ। ଯଦି କୌଣସି ଛାତ୍ରୀଛାତ୍ର ନିର୍ଦ୍ଧାରିତ ତାରିଖରେ କମନ୍‌ଟେଷ୍ଟ ପରୀକ୍ଷା ଦେବାରେ ଅସମର୍ଥ ହେଉଛନ୍ତି, ତେବେ ପରଦିନ ସେମାନେ ପରୀକ୍ଷା ଦେଇପାରିବେ । ପୂର୍ବାହ୍ନ ସାଢ଼େ ୧୦ଟାରୁ ଅପରାହ୍ନ ଗୋଟାଏ ପର୍ଯ୍ୟନ୍ତ ପରୀକ୍ଷା ଚାଲିବ । ପରୀକ୍ଷା ସରିବା ପରେ ଉକ୍ତ ଦିନ ମଧ୍ୟ ଶ୍ରେଣୀରେ ଅନ୍ୟ ଦିନ ଭଳି ପାଠପଢ଼ାଯିବ। ଶିକ୍ଷକମାନେ ପ୍ରଶ୍ନଗୁଡ଼ିକ ସମ୍ପର୍କରେ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିବେ। କୌଣସି ପ୍ରଶ୍ନକୁ ନେଇ କେହି ଛାତ୍ରୀଛାତ୍ର ଯଦି ଦ୍ୱନ୍ଦ୍ୱରେ ରହିବେ, ତେବେ ସେଠାରେ ହିଁ ତାହା ଦୂର କରାଯିବ। ଏପରିକି ଆବଶ୍ୟକ ପଡ଼ିଲେ, ସେମାନଙ୍କ ପାଇଁ ସ୍ୱତନ୍ତ୍ର ଭାବେ ପାଠପଢ଼ା ଯିବ। ଗୋଷ୍ଠୀ ଶିକ୍ଷା ଅଧିକାରୀମାନେ କମନ୍ ଟେଷ୍ଟ ପରୀକ୍ଷା ଦିନ ବିଦ୍ୟାଳୟଗୁଡ଼ିକ ପରିଦର୍ଶନରେ ଯାଇ ଠିକ୍ ଭାବେ ପରୀକ୍ଷା ଚାଲିଛି ନା ନାହିଁ ତଦାରଖ କରିବେ। ପ୍ରତ୍ୟେକ ପରୀକ୍ଷାର ଫଳାଫଳ ଗୁଗୁଲ୍ ଡକ୍ୟୁମେଣ୍ଟ ଜରିଆରେ ଛାତ୍ରୀଛାତ୍ର, ବିଦ୍ୟାଳୟ ଏବଂ ଅଭିଭାବକଙ୍କୁ ଅବଗତ କରାଯିବ। ପରୀକ୍ଷା ଫଳ ପ୍ରକାଶ ପରେ ପ୍ରଧାନ ଶିକ୍ଷକମାନେ ଷ୍ଟାଫ୍ ବୈଠକ ଡକାଇ ଆଲୋଚନା କରିବେ। ଦୁର୍ବଳ ଛାତ୍ରୀଛାତ୍ରଙ୍କ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସ୍ୱତନ୍ତ୍ର ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ମେଣ୍ଟର୍ ଭାବେ ନିଯୁକ୍ତି ଦିଆଯିବ। ଏଥି ସହ ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କୁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବ। ନିୟମିତ ବ୍ୟବଧାନରେ ଅଭିଭାବକ-ଶିକ୍ଷକ ବୈଠକ ଡକାଯାଇ ବିଭିନ୍ନ ବିଷୟ ଉପରେ ଆଲୋଚନା କରାଯିବ । ନିର୍ଦ୍ଧାରିତ ତାରିଖ ପୂର୍ବରୁ ସିଲାବସ୍ ସାରିବା ଦାୟିତ୍ୱ ପ୍ରଧାନ ଶିକ୍ଷକମାନଙ୍କ ଉପରେ ନ୍ୟସ୍ତ କରାଯାଇଛି। ଆସନ୍ତା ୨୦ତାରିଖରେ 'ଡ୍ରିମ୍' କର୍ମଶାଳା ଆୟୋଜନ କରାଯିବ। ସେଥିରେ ଚୂଡ଼ାନ୍ତ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରାଯିବା ସହ ଗତ ମାଟ୍ରିକ୍ ପରୀକ୍ଷାରେ ଶତ ପ୍ରତିଶତ ସଫଳତା ଏବଂ ସର୍ବାଧିକ ଏ-୧ ଗ୍ରେଡ୍ ରଖିଥିବା ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯିବ। ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଉପରେ ଉପରୋକ୍ତ ଯୋଜନାର ସଫଳତା ନିର୍ଭର କରୁଛି। ସେମାନଙ୍କ କଠିନ ପରିଶ୍ରମ ଏବଂ ଉଦ୍ୟମ ସହ ଅଭିଭାବକଙ୍କ ସହଯୋଗ ଦ୍ୱାରା ଗଞ୍ଜାମ ଜିଲା ୨୦୨୦ ମାଟ୍ରିକ୍ ପରୀକ୍ଷାରେ ଆଶାତୀତ ସଫଳତା ହାସଲ କରିବ ବୋଲି ଜିଲାପାଳ କୁଲାଙ୍ଗେ ଆଶା ପ୍ରକାଶ କରିଛନ୍ତି।

### ଉତ୍କଳ ସମ୍ମିଳନୀ ସାଧାରଣ ବୈଠକ

## ଇଚ୍ଛାପୁର-କଟକ ମେମୋ ଟ୍ରେନ୍ ବ୍ରହ୍ମପୁରରୁ ଚଳାଚଳ ଦାବି

**ବ୍ରହ୍ମପୁର ଅଫିସ,୧୩।୧୦**

ବ୍ରହ୍ମପୁର ସ୍ଥାନୀୟ ଉତ୍କଳ ଆଶ୍ରମ ସଭାଗୃହରେ ଉତ୍କଳ ସମ୍ମିଳନୀ ଗଞ୍ଜାମ ଜିଲା ଶାଖା ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସଦସ୍ୟ ଡା. ଚନ୍ଦ୍ରମଣି ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଯୁଗ୍ମ ସମ୍ପାଦକ ଡା. ନକୁଳ ସାହୁ ମଞ୍ଚାସୀନ ଥିଲେ। ସମ୍ପାଦକ ଦୀନବନ୍ଧୁ ଶ୍ରୀପଲ୍ଲବ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଇଚ୍ଛାପୁର- କଟକ ମେମୋ ପାସେଞ୍ଜର ଟ୍ରେନକୁ ବ୍ରହ୍ମପୁରରୁ ଚଳାଚଳ କରିବା ଉପରେ ବୈଠକରେ ଦାବି ଉପସ୍ଥାପନ ହୋଇଥିଲା । ଏଥିସହ ପଲାସା-ଭୁବନେଶ୍ୱର ଡିଏମ୍‌ୟୁକୁ ପୁରୀ ସମ୍ପ୍ରସାରଣ କରାଯିବା ସହ ଉତ୍କଳ ସମ୍ମିଳନୀ ନାମ ଫଳକ ଲଗାଯିବ । କେନ୍ଦ୍ର ଓ ରାଜ୍ୟ ସରକାର ନିଶା ନିବାରଣ ଆଇନ କଡାକଡି କରିବାକୁ ସମ୍ମିଳନୀ ପକ୍ଷରୁ ଦାବି କରାଯାଇଥିଲା । ଅଶୋକ କୁମାର ସାହୁ, ବିପ୍ରଚରଣ ପାତ୍ର, ଡ. ସୁବ୍ରତ କୁମାର ସାହୁ, ଡା.ସାଗର ରଞ୍ଜନ ତ୍ରିପାଠୀ, ହାଡିବନ୍ଧୁ ମାଳି, ରାଧାରମଣ ପଟ୍ଟନାୟକ ଓ ବଳରାମ ସାବତଙ୍କ ସମେତ ସମ୍ମିଳନୀର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ । ଯୁଗ୍ମ ସମ୍ପାଦକ ଡା. ନକୁଳ ସାହୁ ଧନ୍ୟବାଦ ଦେଇଥିଲେ ।

# ପୁରୀ ଗଲେ ୩ଶହ ହବିଷିଆଳି

**ବ୍ରହ୍ମପୁର ଅଫିସ୍,୧୩।୧୦:** କାର୍ତ୍ତିକ ବ୍ରତ ସୋମବାରରୁ ଆରମ୍ଭ ହେଉଛି। ରାଜ୍ୟ ସରକାରଙ୍କ ତରଫରୁ ପୁରୀରେ ସ୍ୱତନ୍ତ୍ର ହବିଷିଆଳି କ୍ୟାମ୍ପ ଆୟୋଜିତ ହେଉଛି। ଏଥିରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ହବିଷିଆଳିମାନଙ୍କ ରହିବା ଏବଂ ଅନ୍ୟାନ୍ୟ ସୁବିଧା କରାଯାଇଛି । ରବିବାର ଗଞ୍ଜାମ ଜିଲାର ବିଭିନ୍ନ ଅଞ୍ଚଳରୁ ପ୍ରାୟ ୩ଶହ ହବିଷ୍ୟାଳି ପୁରୀ ଯାତ୍ରା କରିଛନ୍ତି। ବ୍ରହ୍ମପୁର ରେଳ ଷ୍ଟେଶନ୍‌ରେ ଏମ୍‌ପି ଚନ୍ଦ୍ରଶେଖର ସାହୁ ଏବଂ ବିଧାୟକ ବିକ୍ରମ ପଣ୍ଡା ହବିଷିଆଳିଙ୍କୁ ପରିଚୟପତ୍ର ବଣ୍ଟନ କରିବା ସହ ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ବିଜେଡ଼ିର ଅନେକ ନେତା ମଧ୍ୟ ଉପସ୍ଥିତ ଥିଲେ।



ଜଣେ ହବିଷିଆଳିଙ୍କୁ ପରିଚୟପତ୍ର ପ୍ରଦାନ କରାଯାଉଛି ।

# ୭ ଥାନା ପକ୍ଷରୁ ୯୩ ଜୁଆଡ଼ି ଗିରଫ

**ବ୍ରହ୍ମପୁର ଅଫିସ,୧୩।୧୦**

ବ୍ରହ୍ମପୁର ପୋଲିସ ଜିଲାରେ ଜୁଆଡ଼ି ଧରପଗଡ ଅଭିଯାନରେ ୭ ଥାନା ପକ୍ଷରୁ ଶନିବାର ରାତିରେ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ୯୩ ଜୁଆଡ଼ିଙ୍କୁ ପୋଲିସ ଗିରଫ କରିଛି। ସେମାନଙ୍କ ନିକଟରୁ ୪ ଲକ୍ଷ ୨୪ ହଜାର ୨୧୫ ଟଙ୍କା ଜବତ ହୋଇଛି। ଏପରିକି ୨୪ ମୋବାଇଲ ଫୋନ ଓ ୪ ବାଇକ୍ ଜବତ ହୋଇଥିବା ଅତିରିକ୍ତ ଏସ୍‌ପି ପ୍ରଶାନ୍ତ କୁମାର ମିଶ୍ର ରବିବାର ସୂଚନା ଦେଇଛନ୍ତି। ଶନିବାର ରାତିରେ ବଡବଜାର ପୋଲିସ ୨ ଜୁଆ ଆଡ୍ଡାରେ ଚଢାଉ କରି ୨୬ ଜୁଆଡ଼ିଙ୍କୁ ଗିରଫ କରିବା ସହ ୧,୨୧,୭୬୫ ଟଙ୍କା ଓ ୧୬ ମୋବାଇଲ ଫୋନ ଜବତ କରିଛି। ସେହିପରି ଟାଉନ ଥାନା ପୋଲିସ ୨ ଜୁଆ ଆଡ୍ଡାରୁ ୨୨ ଜୁଆଡ଼ିଙ୍କୁ ଧରିବା ସହ ୫୨, ୫୨୦ ଟଙ୍କା ଜବତ କରିଛି। ଗୋଷାଣୀନୂଆଗାଁ ଥାନା ପୋଲିସ ଗୋଟିଏ ଜୁଆ ଅଡ୍ଡାରେ ଚଢାଉ କରି ୧୦ ଜୁଆଡ଼ିଙ୍କୁ ଗିରଫ କରିବା ସହ ୭୦, ୬୭୦ ଟଙ୍କା, ୮ ମୋବାଇଲ ଫୋନ ୪ ବାଇକ୍ ଜବତ କରିଛି। ଗୋଳନ୍ଥରା ଥାନା ପୋଲିସ ୨ଜୁଆ ଆଡ୍ଡାରେ ଚଢାଉ କରି ୮ ଜୁଆଡ଼ିଙ୍କୁ ଗିରଫ କରିଛି। ଘଟଣା ସ୍ଥଳରୁ ୨୧,୨୦୦ ଟଙ୍କା ଜବତ କରିଛି। ସେହିପରି କେ. ନୂଆଗାଁ ପୋଲିସ ୩ ଜୁଆ ଆଡ୍ଡାରେ ଚଢାଉ କରି ୯ ଜୁଆଡ଼ିଙ୍କୁ ଗିରଫ କରିବା ସହ ୧୮,୨୬୦ ଟଙ୍କା ଜବତ କରିଛି। ଦିଗପହଣ୍ଡି ଥାନା ପୋଲିସ ୩ ଜୁଆଆଡ୍ଡାରେ ଚଢାଉ କରି ୧୫ ଜୁଆଡ଼ିଙ୍କୁ ଗିରଫ କରିବା ସହ ୩୮,୧୦୦ ଟଙ୍କା ଜବତ କରିଛି। ସେହିପରି ଜରଡ଼ା ଥାନା ପୋଲିସ ଗୋଟିଏ ଜୁଆ ଆଡ୍ଡାରେ ଚଢାଉ କରି ୩ ଜୁଆଡ଼ିଙ୍କୁ ଗିରଫ କରିଛି। ଘଟଣାସ୍ଥଳରୁ ୧,୦୧,୭୦୦ ଟଙ୍କା ଓ ଖେଳ ପ୍ରସ୍ତୁତି ସରଞ୍ଜାମ ମଧ ଜବତ କରିଛି। ଗିରଫ ହୋଇଥିବା ସମସ୍ତ ୯୩ ଜୁଆଡ଼ିଙ୍କୁ ୧୪ ମାମଲାରେ ରବିବାର କୋର୍ଟ ଚାଲାଣ କରାଯାଇଛି ବୋଲି ଅତିରିକ୍ତ ଏସ୍‌ପି ମିଶ୍ର କହିଛନ୍ତି।

**ବ୍ରହ୍ମପୁର ପୋଲିସ ଜିଲା**

### ଗଞ୍ଜାମ ପୋଲିସ ଜିଲା

## ଧରାପଡିଲେ ୧୬୬ ଜୁଆଡି

ଛତ୍ରପୁର- ଗଞ୍ଜାମ ପୋଲିସ ଜିଲା ଅଧୀନ ବିଭିନ୍ନ ଥାନା ପକ୍ଷରୁ ଶନିବାର ରାତିରେ ଜୁଆ ଆଡ୍ଡାରେ ଚଢ଼ାଉ କରାଯାଇଛି। ସେଠାରୁ ୧୬୬ ଜୁଆଡିଙ୍କୁ ଗିରଫ କରାଯାଇଛି। ଏମାନଙ୍କଠାରୁ ୪ ଲକ୍ଷ ୭୯ ହଜାର ୮୮୧ ଟଙ୍କା ଜବତ ହୋଇଛି । ଏନେଇ ୩୨ ମାମଲା ରୁଜୁ କରାଯାଇଛି ।

### ବ୍ରହ୍ମପୁର ଅଞ୍ଚଳରେ କୁଆଁରପୁନେଇଁ

# ନୃତ୍ୟରେ କୁମାରୀଙ୍କ ଗ୍ରାମ୍ୟ କ୍ରୀଡ଼ାର ଝଲକ

**ବ୍ରହ୍ମପୁର ଅଫିସ,୧୩।୧୦**

ଗଞ୍ଜାମ ଜିଲା ହେଉଛି କଳା ଓ ସଂସ୍କୃତିର ଅନ୍ତୁଡିଶାଳ । ବର୍ତ୍ତମାନ ସହରୀ ସଭ୍ୟତା ଓ ଆଧୁନିକତା ଯୋଗୁ ଜିଲାର ପୁରାତନ ସଂସ୍କୃତି ଓ ପରମ୍ପରା ଏବେ ଲିଭିଯିବାକୁ ବସିଛି। ବିଶେଷ କରି କୁମାର ପୂର୍ଣ୍ଣମୀରେ ଗ୍ରାମାଞ୍ଚଳରେ କୁମାରୀମାନେ ଖେଳୁଥିବା ବହୁଚୋରି, ଖପରା ଡିଆଁ, ତାସ, ଲୁଡୁ ବାଘଛେଳି, ଦଉଡି ଡିଆଁ, ଠିଆପୁଚି ଓ ବସାପୁଚି ଭଳି ବହୁ ଗ୍ରାମ୍ୟକ୍ରୀଡା ଏବେ ପ୍ରାୟ ଲୁପ୍ତ ହୋଇଯାଇଛି। ଲୋକଗୀତ ଓ ଗ୍ରାମ୍ୟକ୍ରୀଡାକୁ ପୁନଃ ଉଜ୍ଜୀବିତ କରିବାକୁ ପ୍ରୟାସ ଜାରି ରଖିଛି ସାମାଜିକ ଅନୁଷ୍ଠାନ ମଧୁମାୟା ପାଣିଗ୍ରାହୀ ଫାଉଣ୍ଡେଶନ । ରବିବାର କୁମାର ପୂର୍ଣ୍ଣମୀ ଉପଲକ୍ଷେ ଉକ୍ତ ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ହୋଇଛି ୧୦ମ କୁଆଁର ପୂନେଇଁ ଜହ୍ନଲୋ... କାର୍ଯ୍ୟକ୍ରମ। ସ୍ଥାନୀୟ ଆଇଟିଆଇ ପରିସରସ୍ଥ ବିଜୁ ପଟ୍ଟନାୟକ ଅଡିଟୋରିୟମ୍‌ରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ବ୍ରହ୍ମପୁର ଆଇଜର ନିର୍ଦ୍ଦେଶକ କେ.ଭି.ଆର. ଚାରୀ, ବିଶାଖାପାଟଣାର ଉତ୍କଳ ସାଂସ୍କୃତିକ ସମାଜ ସଭାପତି ଜେ.କେ. ନାୟକ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘୋଷିକା ସୁଦୀପ୍ତା ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କାର୍ଯ୍ୟକ୍ରମର ମୁଖ୍ୟ ସଂଯୋଜକ ପ୍ରଫୁଲ୍ଲ ଜଗନ୍ନାଥ ପାଢୀ ଏହାକୁ ସଂଯୋଜନା କରିଥିଲେ। ଏହି ଅବସରରେ କୁଆଁର ପୁନେଇ ଜହ୍ନଲୋ...କାର୍ଯ୍ୟକ୍ରମର ଶୋଭେନିୟର ଉନ୍ମୋଚନ ହୋଇଥିଲା। ନରେନ୍ଦ୍ରପୁରର ରାଜେନ୍ଦ୍ର ପାତ୍ର ଓ ଦଳ ଶଙ୍ଖବାଦ୍ୟ ପରିବେଷଣ କରିଥିଲେ। ଏହାପରେ ଜିଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା କୁମାରୀମାନେ ପାରମ୍ପରିକ ଲୋକଗୀତ କୁଆଁରପୁନେଇଁ ଜହ୍ନଲୋ... ଫୁଲ ବଉଳବେଣୀ ସଂଗୀତ ପରିବେଶଣ କରିଥିଲେ। ଆନ୍ଧ୍ରପ୍ରଦେଶର ପଦ୍ମଜା ନୃତ୍ୟ କଳାକ୍ଷେତ୍ରର ଶିଳ୍ପୀମାନଙ୍କ ଦ୍ୱାରା ପରିବେଶିତ କୁଚିପୁଡି ନୃତ୍ୟ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ଜାତୀୟ ପୁରସ୍କାର ପ୍ରାପ୍ତ ଓଡିଶୀ ନୃତ୍ୟଶିଳ୍ପୀ ଅତ୍ରାୟୀ ଦତ୍ତ ଓଡିଶୀ ନୃତ୍ୟ ପରିବେଶଣ କରିଥିଲେ । ବ୍ରହ୍ମପୁର ସ୍କେଟିଂ ଏକାଡେମୀ ଛାତ୍ରୀଛାତ୍ରମାନେ ସ୍କେଟିଂ ସୋ ମାଧ୍ୟମରେ ନାରୀ ସଶକ୍ତୀକରଣ ଦିଗରେ ସଚେତନତା ବାର୍ତ୍ତା ଦେଇଥିଲେ। ଆନ୍ଧ୍ରପ୍ରଦେଶ ୱାଇ. ବିଜୟ କୁମାର ଦଳ ଲୋକନୃତ୍ୟ ପରିବେଷଣ କରିଥିଲେ। ଫାଉଣ୍ଡେଶନ ଦ୍ୱାରା ପୂର୍ବରୁ ଅନୁଷ୍ଠିତ ଗ୍ରାମ୍ୟକ୍ରୀଡା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନେ ଠିଆପୁଚି ନାରଙ୍ଗ... ନୃତ୍ୟ ମାଧ୍ୟମରେ କୁମାର ପୂର୍ଣ୍ଣମୀ ପରମ୍ପରା ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମ ଅବସରରେ ଫାଉଣ୍ଡେଶନ ପକ୍ଷରୁ କାକରା ପିଠା ବଣ୍ଟନ କରାଯାଇଥିଲା । ରୁଷିଆରେ ଅନୁଷ୍ଠିତ ବିଶ୍ୱ ଦକ୍ଷତା ପ୍ରତିଯୋଗିତାରେ ଭାରତ ପକ୍ଷରୁ ପ୍ରତିଯୋଗିତା କରି ପ୍ରଥମ ସ୍ୱର୍ଣ୍ଣପଦକ ହାସଲ କରିଥିବା ଏସ୍. ଆଶ୍ୱସ୍ଥ ନାରାୟଣ, ଭାରୋତ୍ତୋଳନ କମନୱେଲଥ ଚାମ୍ପିୟନ୍‌ଶିପରେ ଭାଗନେଇ ସ୍ୱର୍ଣ୍ଣପଦକ ହାସଲ କରିଥିବା ଭକ୍ତରାମ ଦେହୁରି, ମିସ୍ ଇଣ୍ଡିଆ ଫାଇନାଲିଷ୍ଟ ଭାବେ ଶକ୍ତିସ୍ୱରୂପା ଦାଶଙ୍କୁ ଫାଉଣ୍ଡେଶନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଡା. ଚନ୍ଦନ ଗନ୍ତାୟତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏ. ତ୍ରିପତି ବାଲାଜୀ ପାତ୍ର, ଦିଲୀପ ଚୌଧୁରୀ, ମିହିର ପାଣିଗ୍ରାହୀ ଓ ମନୋଜ କୁମାର ସାମଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଡ. ବିଶ୍ୱନାଥ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ। ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ କାକରାପିଠା ବଣ୍ଟନ କରାଯାଉଛି ।




କୁମାରୀମାନେ କୁଆଁରପୂନେଇଁ ଜହ୍ନଲୋ ଗୀତ ପରିବେଷଣ କରୁଛନ୍ତି ।



ଜାତୀୟ ପୁରସ୍କାରପ୍ରାପ୍ତ ଅତ୍ରାୟୀ ଦତ୍ତ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି ।




କୁମାରୀମାନେ ଠିଆପୁଚି ନାରଙ୍ଗ ନୃତ୍ୟ ପରିବେଷଣ କରୁଛନ୍ତି।

## ସଂକ୍ଷେପରେ

### ଜୁଆ ଆଡ୍ଡାରୁ ପୋଲିସ ସମେତ ୧୧ ଗିରଫ

ଭଞ୍ଜନଗର,୧୩।୧୦(ଡି.ଏନ.ଏ)-କୁମାର ପୂର୍ଣ୍ଣିମା ଉପଲକ୍ଷେ ଗଞ୍ଜାମ ଜିଲ୍ଲାର ବିଭିନ୍ନ ସ୍ଥାନରେ ଜୁଆଖେଳ ଚାଲିଛି। ପୋଲିସ ଚଢ଼ାଉ କରି ଜୁଆଡିଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରୁଛି। ଜଣେ ପୋଲିସ ଓ ଆଉଜଣେ ବନ ବିଭାଗ କର୍ମଚାରୀ ଜୁଆ ଖେଳି ଭଞ୍ଜନଗର ପୋଲିସ ଦ୍ୱାରା ଗିରଫ ହୋଇଛନ୍ତି। ଭଞ୍ଜନଗର ପୋଲିସ ଶନିବାର ରାତିରେ ଭଞ୍ଜନଗର ସହର ଭେଜିପୁଟରେ ଚାଲିଥିବା ଜୁଆ ଆଡ୍ଡା ଉପରେ ଚଢ଼ାଉ କରି ୧୧ଜଣଙ୍କୁ ଗିରଫ କରିଛି। ଗିରଫ ବେଳେ ଜୁଆଡିମାନେ ପୋଲିସ ସହ ଧସ୍ତାଧସ୍ତି କରିଥିଲେ। ସେମାନଙ୍କ ମଧ୍ୟରେ ପୋଲିସର ନିରାପତ୍ତା ସଂସ୍ଥାରେ କାର୍ଯ୍ୟରତ ଜଣେ କର୍ମଚାରୀ ଓ ବନ ବିଭାଗର ଜଣେ କର୍ମଚାରୀ ଅଛନ୍ତି। ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଭେଜିପୁଟରୁ ଗିରଫ ଅଭିଯୁକ୍ତମାନେ ପୋଲିସ ସହ ଧସ୍ତାଧସ୍ତି କରିଥିଲେ। ତେଣୁ ସେମାନଙ୍କୁ ରବିବାର ଜାମିନ ମିଳିପାରିନାହିଁ। ୧୭ ତାରିଖ ପର୍ଯ୍ୟନ୍ତ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ-ଦୀପକ ବିଷୋୟୀ, କାଳିଆ ଜେନା, ରଘୁନାଥ ନାୟକ, ରବି ମଲିକ, ଅନୁପ ବିଷୋୟୀ, ଲକ୍ଷ୍ମୀ ପାତ୍ର, ଚିତ୍ତରଞ୍ଜନ ପରିଡ଼ା, କାଶି ପାତ୍ର, ନବ ସ୍ୱାଇଁ, ଭକ୍ତରାମ ପଟ୍ଟନାୟକ, ଶଶି ରଞ୍ଜନ ପରିଡା।

### ମା’ ଗଜଲକ୍ଷ୍ମୀ ପୂଜା

ଡାବୁଗାଁ,୧୩।୧୦ (ଡି.ଏନ.ଏ.)- ଡାବୁଗାଁ ବ୍ଲକ ସଦରମହକୁମା ସ୍ଥିତ ରେଲି ସାହି ଠାରେ ରବିବାର ମା’ ଗଜଲକ୍ଷ୍ମୀ ପୂଜା ଆରମ୍ଭ ହୋଇଛି। ଶନିବାର ସନ୍ଧ୍ୟାରେ ମା’ ଠାକୁରାଣୀ ମନ୍ଦିର ପୋଖରୀରୁ ପାଣି ଅଣାଯାଇଥିଲା । ରବିବାର ସକାଳୁ ମା’ଙ୍କ ବିଭିନ୍ନ ରୀତିନୀତି ଅନୁଯାୟୀ ପୂଜା ଆରମ୍ଭ ହୋଇଯାଇଛି । ଏଥିରେ ରଞ୍ଜିତ କୁମାର ଘରାଇ, ଭଗବାନ ଖୁଣ୍ଟିଆ ଓ ରୋହିତ ରାଓ ପ୍ରମୁଖ କର୍ତ୍ତା ଭାବେ ଦାୟିତ୍ୱରେ ରହିଥିବା ବେଳେ ମୁଖ୍ୟ ପୂଜକ ଭାବେ ଚୈତନ୍ୟ ଦାଶଙ୍କ ସହ ମହେଶ ଚନ୍ଦ୍ର ପଣ୍ଡା, ଗୋବିନ୍ଦ ଚନ୍ଦ୍ର ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ । ଏଥିରେ ମା’ ଗଜଲକ୍ଷ୍ମୀ ପୂଜା କମିଟିର ଉପଦେଷ୍ଟା କେଶବ ରେଲି, ଜଗନ୍ନାଥ ରେଲି, ଧନପତି ରେଲି, ପାପନ୍ନା ରେଲି, ସୁରେନ୍ଦ୍ର ରେଲି, ସୋଭା ରେଲି, ଗୋପୀ ରେଲି, ରାଜୁ ରେଲି, ଜିତୁ ରେଲି ଓ ଅନ୍ୟମାନେ ପରିଚାଳନା କରୁଛନ୍ତି । ସେହିପରି ଡାବୁଗାଁ ବ୍ଲକର କୋଇଲାରୀ ପଞ୍ଚାୟତ ଅଧୀନ ସରାଗୁଡା ଗ୍ରାମରେ ମା’ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଗ୍ରାମର ଜଗଦୀଶ ମାଝୀ, ପୁରନ ମାଝୀ, କପୁରଚନ୍ଦ ମାଝୀ, ମନବୋଧ ମାଝୀ, ସୁକଦେବ ମାଝୀ, ଦେବଦାସ ମାଝୀ, ଦୁର୍ଯ୍ୟୋଧନ ମାଝୀ, ବସୁଦେବ ମାଝୀ, ବଳରାମ ପନକା, କୈଳାଶ ମାଝୀ, ନରସିଂ ମାଝୀ, ରାଜାରାମ ପୂଜାରୀଓ ଦଳପତି ମାଝୀ ପ୍ରମୁଖ ପରିଚାଳନା କରୁଛନ୍ତି । ଏହି ୨ଟି ସ୍ଥାନରେ ସନ୍ଧ୍ୟାରେ ମା’ ଗଜଲକ୍ଷ୍ମୀଙ୍କୁ ଦର୍ଶନ କରିବା ପାଇଁ ବହୁ ଭକ୍ତଙ୍କ ସମାଗମ ହୋଇଛି।

■ ମା’ ବୁଢୀ ଠାକୁରାଣୀ ଯାତ୍ରା

# ବିଧାୟକଙ୍କ ଯୋଗଦାନକୁ ନେଇ ରାଜନୀତି ସରଗରମ

ଦିଗପହଣ୍ଡି,୧୩।୧୦(ଡି.ଏନ.ଏ.)

ଦିଗପହଣ୍ଡିର ଅଧିଷ୍ଠାତ୍ରୀ ଦେବୀ ମା’ ବୁଢୀ ଠାକୁରାଣୀଙ୍କ ଯାତ୍ରାର ସପ୍ତମ ଦିନରେ ମୁଖ୍ୟ ଅତିଥି ଭାବେ ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା ଯୋଗ ଦେଇଥିଲେ। ଏହାକୁ ନେଇ ଏବେ ଦିଗପହଣ୍ଡି ରାଜନୀତି ସରଗରମ ହୋଇଛି। ସେ ପ୍ରଥମେ ରାଣୀସାହି ସ୍ଥିତ ଦୁର୍ଗା ମଣ୍ଡପରେ ମା’ଙ୍କୁ ଦର୍ଶନ କରିବାପରେ ବଜାରସାହିସ୍ଥିତ ଅସ୍ଥାୟୀ ଯାତ୍ରା ପୀଠରେ ମା’ ବୁଢୀ ଠାକୁରାଣୀଙ୍କୁ ଦର୍ଶନ କରିଥିଲେ। ଯାତ୍ରା ପରିଚାଳନା କମିଟି ପକ୍ଷରୁ ବିଧାୟକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। କଂଗ୍ରେସର ଦିଗପହଣ୍ଡି ବିଧାୟକ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିଥିବା ପ୍ରଫୁଲ୍ଲ ପଣ୍ଡା ଏବଂ କଂଗ୍ରେସ ଯୁବ ନେତା ଦୀପକ କୁମାର ମିଶ୍ର, କେ. କୁନା, ଚିନ୍ମୟ କୁମାର ହୋତାଙ୍କ ସହିତ ବହୁ କଂଗ୍ରେସ ସମର୍ଥକ ଓ ଯୁବନେତା ତାଙ୍କ ସହ ଥିଲେ। ତେବେ ୬ ବର୍ଷ ବ୍ୟବଧାନ ପରେ ପୁଣି ଦିଗପହଣ୍ଡି ସହରରେ ଯାତ୍ରା ଉତ୍ସବ ଆଳରେ ରମେଶଙ୍କ ପ୍ରବେଶକୁ ନେଇ ରାଜନୀତି ସମୀକ୍ଷକମାନେ ବିଭିନ୍ନ ମତ ରଖିଛନ୍ତି।

ପ୍ରକାଶ ଯେ, ଦିଗପହଣ୍ଡି ସହରରେ କଂଗ୍ରେସ ଦଳ ବିଧାନସଭା ନିର୍ବାଚନ ପରଠାରୁ ସୁପ୍ତ ପ୍ରାୟ ହୋଇଯାଇଥିଲା। ଆଗକୁ ପୌର ପରିଷଦ ନିର୍ବାଚନ ରହିଛି। ରମେଶଙ୍କ ଗସ୍ତ ପରେ ଏବେ ଦଳୀୟ କର୍ମୀ ଉତ୍ସାହିତ ହୋଇ ପଡିଛନ୍ତି। ବିଜେଡ଼ିରେ କନ୍ଦଳ ଏବଂ ଦଳୀୟ ନେତୃତ୍ୱଙ୍କ ମଧ୍ୟରେ ମନୋମାଳିନ୍ୟର ସୁଯୋଗନେଇ ପଡୋଶୀ ସାନଖେମୁଣ୍ଡିର କଂଗ୍ରେସ ବିଧାୟକ ଦିଗପହଣ୍ଡିରେ ପ୍ରବେଶ କରିବା ସହ ସମର୍ଥକ ବୃଦ୍ଧି କରୁଛନ୍ତି ବୋଲି ପ୍ରାକ୍ତନ ଏନ୍ଏସି ଉପାଧ୍ୟକ୍ଷ ତଥା ବିଜେଡି ନେତା ପ୍ରଦୀପ୍ତ ପଟ୍ଟନାୟକ ନିଜ ପ୍ରତିକ୍ରିୟାରେ କହିଛନ୍ତି। ଏନେଇ ଦିଗପହଣ୍ଡି ବିଧାୟକ ତଥା ବିଧାନସଭା ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ରମେଶଙ୍କ ଗସ୍ତକୁ ନେଇ କୌଣସି ପ୍ରତିକ୍ରିୟା ଦେଇପାରିବେ ନାହିଁ ବୋଲି କହିଛନ୍ତି।

ସୂଚନାଯୋଗ୍ୟ ଯେ, ଗତ ୨୦୧୩ ଏନ୍ଏସି ନିର୍ବାଚନରେ ବିଜେଡି ୬ ଏବଂ କଂଗ୍ରେସ ୫ ଗୋଟି ୱାର୍ଡ ଦଖଲ କରିଥିବାବେଳେ ବିଜେଡି ଏନ୍ଏସି ଦଖଲ କରିଥିଲା। ୨୦୦୮ରେ ବିଜେଡି କେବଳ ଗୋଟିଏ ୱାର୍ଡରେ ଖାତା ଖୋଲିଥିବାବେଳେ କଂଗ୍ରେସ ୭ଟିରେ, ବିଜେପି ୨ଟିରେ ଏବଂ ବାମଦଳ ଗୋଟିଏ ୱାର୍ଡରେ ଜିତିଥିବାବେଳେ କଂଗ୍ରେସ ଏନଏସି ଦଖଲ କରିଥିଲା।


ମେଲୋଡ଼ି ଉଦ୍‌ଘାଟନୀ ସମାରୋହରେ ବିଧାୟକ ରମେଶ ଜେନା।


ଜହ୍ନି ଓଷାର ଶେଷ ଦିବସରେ ବ୍ରହ୍ମପୁର ସହର ଉପକଣ୍ଠ ନିମଖଣ୍ଡି ଗ୍ରାମରେ ଯୁବତୀ ଏବଂ ମହିଳାଙ୍କ ପୂଜାର୍ଚ୍ଚନା ଚାଲିଛି । (ଫଟୋ-ସମୀର)

# ଲକ୍ଷ୍ମୀ ପୂଜା ଆରମ୍ଭ


କଳସ ଶୋଭାଯାତ୍ରା ।

ଫୁଲବାଣୀ ଅଫିସ, ୧୩।୧୦

ଫୁଲବାଣୀ ସହର ଏଫ୍‌ସିଆଇ ଛକରେ ମହାକାଳେଶ୍ୱର ବଣିକ ସଂଘ ପକ୍ଷରୁ ମା’ ଗଜଲକ୍ଷ୍ମୀଙ୍କ ପୂଜା ରବିବାର ଠାରୁ ଆରମ୍ଭ ହୋଇଛି। ଏହି ଅବସରରେ ସନ୍ଧ୍ୟା ୫ଟାରେ ସ୍ଥାନୀୟ ନଦୀରୁ ପାଣି ଉଠାଯାଇ ପୂଜାର୍ଚ୍ଚନା କରାଯିବା ପରେ ସେଠାରୁ କଳସ ଶୋଭାଯାତ୍ରା ବାହାରି ପୂଜା ମଣ୍ଡପକୁ ଆସିଥିଲା । ସୋମବାର ସନ୍ଧ୍ୟାରେ ମହିମା ଗ୍ରୁପ୍ ଦ୍ୱାରା ରାମଲୀଳା, ମଙ୍ଗଳବାର ସମ୍ବଲପୁର ଡ୍ୟାନ୍ସ ପରିବେଷଣ କରାଯିବ। ବୁଧବାର ମଧ୍ୟାହ୍ନରେ ସର୍ବସାଧାରଣଙ୍କ ନିମନ୍ତେ ଅନ୍ନ ପ୍ରସାଦ ସେବନ ପାଇଁ ବ୍ୟବସ୍ଥା କରାଯାଇଛି । ସନ୍ଧ୍ୟାରେ ମା’ଙ୍କ ବିସର୍ଜନ କରାଯିବ ବୋଲି ସଂଘ ସଭାପତି ପ୍ରଶାନ୍ତ କୁମାର ମହାନ୍ତି, ସମ୍ପାଦକ ରବୀନ୍ଦ୍ର କୁମାର ସାହୁ, କୋଷାଧ୍ୟକ୍ଷ ଏନ୍.ଶ୍ରୀନିବାସ, ଉପଦେଷ୍ଟା ପ୍ରଶାନ୍ତ ମିଶ୍ର ପ୍ରମୁଖ ପ୍ରକାଶ କରିଛନ୍ତି ।

# ସତ୍ୟସାଇ ସେବା ସମିତିର ସ୍ୱଚ୍ଛତା କାର୍ଯ୍ୟକ୍ରମ



ସତ୍ୟସାଇ ସେବା ସମିତିର ସ୍ୱଚ୍ଛତା କାର୍ଯ୍ୟକ୍ରମ ।

ବୁଗୁଡ଼ା,୧୩।୧୦(ଡି.ଏନ.ଏ.)

ବୁଗୁଡ଼ା ସତ୍ୟସାଇ ସେବା ସମିତି ତରଫରୁ ରବିବାର ସ୍ଥାନୀୟ ବଳଦେବ ସ୍ୱାମୀ ବସ୍‌ଷ୍ଟାଣ୍ଡ ଓ ବଳଦେବ ମନ୍ଦିର ସାମ୍ନାରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସତ୍ୟସାଇ ସେବା ସମିତି ଆବାହକ ଡ. ଗୋପବନ୍ଧୁ ବେହେରାଙ୍କ ତତ୍ତ୍ୱାବଧାନରେ ସମିତି ଭକ୍ତମାନେ ସ୍ଥାନୀୟ ବଳଦେବ ସ୍ୱାମୀ ନୂତନ ବସ୍‌ଷ୍ଟାଣ୍ଡ ଓ ବଳଦେବ ମନ୍ଦିର ସାମ୍ନା ସଫେଇ କରିବା ସହ ସ୍ୱଚ୍ଛତା ହିଁ ଦିବ୍ୟତ୍ୱ ଉପରେ ସଚେତନ କରାଇଥିଲେ। କାର୍ଯ୍ୟକ୍ରମରେ ବି. ଗୋପାଳ ପାତ୍ର, ଟି. ସୁଦର୍ଶନ ପାତ୍ର, ଗଣପତି ମହାରଣା, ନିରଞ୍ଜନ ବିଷୋୟୀ, ଡି. ଭାରତୀ, ଭେଙ୍କଟ ଦୋରା, ଦୀପାଂଶୁ, ପବିତ୍ର, ବର୍ଷ୍ଟି, ଲିଜା ଓ ଇତିଶ୍ରୀ ଯୋଗ ଦେଇଥିଲେ ।

## ବିଭିନ୍ନ ଅଞ୍ଚଳରୁ ୩୩ ଜୁଆଡ଼ି ଗିରଫ

ପାରଳାଖେମୁଣ୍ଡି,୧୩।୧୦(ସ୍ୱ.ପ୍ର.)

ଦଶହରା ଓ କୁମାରପୂର୍ଣ୍ଣିମାକୁ ଦୃଷ୍ଟିରେ ରଖି ଗଜପତି ଜିଲାରେ ପୋଲିସ ପକ୍ଷରୁ ଚଢ଼ାଉକୁ ଜୋରଦାର କରାଯାଇଛି। ଏସ୍‌ପି ସାରା ଶର୍ମାଙ୍କ ନିର୍ଦ୍ଦେଶ କ୍ରମେ ଜିଲାର ବିଭିନ୍ନ ଅଞ୍ଚଳରୁ ୩୩ ଜୁଆଡ଼ିଙ୍କୁ ଗିରଫ କରାଯିବା ସହ ମୋଟ ୧ଲକ୍ଷ ୩୩ହଜାର ୪୫୦ ଟଙ୍କା ଜବତ ହୋଇଛି। ପାରଳାଖେମୁଣ୍ଡି ଆଦର୍ଶ ଥାନା ପକ୍ଷରୁ ଶନିବାର ରାତିରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୨୭ଜଣଙ୍କୁ ଗିରଫ କରାଯିବା ସହ ମୋଟ ୧ଲକ୍ଷ ୩୧ହଜାର ୨ଶହ ଟଙ୍କା ଜବତ କରାଯାଇଥିବା ସୂଚନା ମିଳିଛି। ସହରର ନୂଆକାମ୍ପ ସାହିରୁ ୧୫ ଜୁଆଡ଼ିଙ୍କୁ ଗିରଫ କରାଯିବା ସହ ସେମାନଙ୍କ ନିକଟରୁ ୧ଲକ୍ଷ ୧୩ହଜାର ଟଙ୍କା ଓ ୭ ମୋବାଇଲ୍ ଜବତ ହୋଇଛି। ସେହିପରି ରାମ ନଗର ଅଞ୍ଚଳରୁ ୬ଜଣଙ୍କୁ ଗିରଫ କରାଯିବା ସହ ୧୪,୧୦୦ଟଙ୍କା ଓ ୩ ମୋବାଇଲ୍ ଜବତ ହୋଇଥିଲା। ପାରଳା ସାହି ଅଞ୍ଚଳରେ ମଧ୍ୟ ଅନ୍ୟ ଏକ ଜୁଆ ଆଡ୍ଡାରେ ଚଢାଉ କରାଯାଇ ୬ଜଣଙ୍କୁ ଗିରଫ କରାଯିବା ସହ ୪,୧୦୦ ଟଙ୍କା ଓ ୫ ମୋବାଇଲ୍ ଜବତ କରାଯାଇଥିବା ଏସ୍‌ଡିପିଓ ଠାକୁର ପ୍ରସାଦ ପାତ୍ର, ଆଇଆଇସି ବିବେକାନନ୍ଦ ସ୍ୱାଇଁ, ଏସ୍‌ଆଇ ସୁନୀଲ ଦଳାଇ ଏକ ଖବରଦାତା ସମ୍ମିଳନିରେ ସୂଚନା ଦେଇଛନ୍ତି। ସେହିପରି ଗାରବନ୍ଧ ପୋଲିସ ପକ୍ଷରୁ ମଧ ଆଇଆଇସି ସୁଶାନ୍ତ କୁମାର ସାହୁଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ୬ ଜୁଆଡ଼ିଙ୍କୁ ଗିରଫ କରାଯିବା ସହ ସେମାନଙ୍କ ନିକଟରୁ ୨୨୫୦ ଟଙ୍କା ଜବତ କରାଯାଇଥିବା ପୋଲିସ ସୂଚନା ଦେଇଛି।

■ କୃଷି ଉତ୍ପାଦକ ଗୋଷ୍ଠୀଙ୍କ ପ୍ରଶିକ୍ଷଣ ଶିବିର

# ସାମଗ୍ରୀ ବିକ୍ରି ଉପରେ ଗୁରୁତ୍ୱ

ଫୁଲବାଣୀ ଅଫିସ, ୧୩।୧୦

କନ୍ଧମାଳ ଜିଲା କ.ନୂଆଗାଁ ବ୍ଲକ ବଣ୍ଡଗୁଡ଼ା ପଞ୍ଚାୟତ ସଭାଗୃହରେ ହାତୀଶାଳ କୃଷି ଉତ୍ପାଦକ ସୋସାଇଟର ୫୨ ପୁରୁଷ ଓ ମହିଳା କୃଷକଙ୍କୁ ନେଇ ଏକ ପ୍ରଶିକ୍ଷଣ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବ୍ଲକର କୃଷି ଅଧିକାରୀ ଯୋଗଦେଇ କୃଷକମାନଙ୍କର ଉତ୍ପାଦନ କିପରି ବୃଦ୍ଧି ପାଇବ ସେ ବିଷୟରେ ଆଲୋଚନା କରିଥିଲେ । ଏଥିସହ ଏହି ସଂଗଠନ କିପରି ଆଗକୁ ଠିକ୍‌ରେ ଚାଲିବ ସେ ଉପରେ ମତ ରଖିଥିଲେ । ସ୍ୱାତୀ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଶିକ୍ଷକ ଭାବେ ଗୀରିଶ ଚନ୍ଦ୍ର ସାମଲ କୃଷକ ଉତ୍ପାଦକ ଗୋଷ୍ଠୀ ଗଠନର ଲକ୍ଷ୍ୟ, ଉଦ୍ଦେଶ୍ୟ, ସଭ୍ୟା ସଭ୍ୟ ଗ୍ରହଣ, ଯୋଜନା ପ୍ରଣୟନ, କୃଷକର ଅଧିକାର ଏବଂ ଗୋଷ୍ଠୀ ପରିଚାଳନା ଉପରେ ତାଲିମ ଦେଇଥିଲେ । ଏଥିସହିତ ଗୋଷ୍ଠୀର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଦେବରାଜ ପ୍ରଧାନ ଓ ପ୍ରଭାତ କୁମାର ନାୟକ ସହଯୋଗ କରିଥିଲେ ।


ଶିବିରରେ ଉପସ୍ଥିତ କୃଷକ ।

# କୃଷି ଅଧିକାରୀ ଫୋରମ୍‌ର ନୂତନ କର୍ମକର୍ତ୍ତା ନିର୍ବାଚନ

ବ୍ରହ୍ମପୁର ଅଫିସ,୧୩।୧୦

ଗଞ୍ଜାମ ଜିଲା କୃଷି ଅଧିକାରୀ ଫୋରମ୍ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈକୁଣ୍ଠନାଥ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଆବାହକ ବାସୁଦେବ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କୋଷାଧ୍ୟକ୍ଷ କିଶୋର ଚନ୍ଦ୍ର ପଣ୍ଡା ଆର୍ଥିକ ବିବରଣୀ ପାଠ କରିଥିଲେ । ପନିପରିବାର ଦରବୃଦ୍ଧି ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ରବିଚାଷ ନେଇ ଯୋଜନା ପ୍ରସ୍ତୁତି ଉପରେ ଆଲୋଚନା କରାଯାଇଥିଲା । ଠିକ୍ ପରିମାଣରେ ସାର ଓ ପୋକମରା ଔଷଧ ବ୍ୟବହାର ପାଇଁ କୃଷିକର୍ମଚାରୀ ଓ ଫୋରମ ସଦସ୍ୟଙ୍କଠାରୁ ଉପଯୁକ୍ତ ପରାମର୍ଶ ନେବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା । ଏହି ଅବସରରେ ନୂତନ ସଭ୍ୟ ଅଶୋକ କୁମାର ମହାନ୍ତି, ଡି. ସୋମେୟା, ବିଜୟ କୁମାର ପ୍ରଧାନ, ଭୈରଭ ଚନ୍ଦ୍ର ନାୟକଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା । ଜିଏସ୍‌ପି ଶର୍ମା, ମୀନକେତନ ମହାନ୍ତି ନିର୍ବାଚନ ଅଧିକାରୀ ଭାବେ ଦାୟିତ୍ୱ ତୁଲାଇଥିଲେ । ବୈକୁଣ୍ଠନାଥ ପଣ୍ଡା ସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ ଅର୍ଜ୍ଜୁନ କର ସମ୍ପାଦକ, ନଳିନୀକାନ୍ତ ମିଶ୍ର ଯୁଗ୍ମ ସମ୍ପାଦକ, କିଶୋର ଚନ୍ଦ୍ର ପଣ୍ଡା ସହ ସମ୍ପାଦକ, ପ୍ରଭାସ କୁମାର ଚୌଧୁରୀ ଉପସଭାପତି, ଡି. ସୋମେୟା କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିଲେ। ଟି. ଅହମ୍ମଦ, ସୁରେଶ ଚନ୍ଦ୍ର ଶତପଥୀ ଓ କାଳୀ ଚରଣ ପାତ୍ର ପ୍ରମୁଖ କାର୍ଯ୍ୟକାରୀ ସଦସ୍ୟ ଭାବେ ଚୟନ ହୋଇଥିଲେ ।

# ଟିମ୍ ହ୍ୟୁମାନିଟିର ସାଧାରଣ ପରିଷଦ ବୈଠକ

ଫୁଲବାଣୀ ଅଫିସ, ୧୩।୧୦

ମା’ ନାରାୟଣୀ ମନ୍ଦିର ପ୍ରାଙ୍ଗଣରେ ରବିବାର କନ୍ଧମାଳର ନୂତନ ସ୍ୱେଚ୍ଛାସେବୀ ଯୁବ ସଂଗଠନ ଟିମ୍ ହ୍ୟୁମାନିଟିର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ଏହି ସଂଗଠନର ଆଭିମୁଖ୍ୟ ଓ ଉଦ୍ଦେଶ୍ୟ ବିଷୟରେ ସଂଘ ପ୍ରମୁଖ କହିବା ପରେ ସ୍ୱେଚ୍ଛାସେବୀମାନେ ଲୋକଙ୍କୁ ସହାୟତା କରିବା ବେଳେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାଗୁଡିକ ବିଷୟରେ ଆଲୋଚନା ହୋଇଥିଲା। ଏହି ଅବସରରେ ସଂଗଠନ କର୍ମକର୍ତ୍ତା ଚୟନ ହୋଇଥିଲା। ଆବାହକ ଭାବରେ ଭି.ଲୋକନାଥ ରାଜୁ, ଅତିରିକ୍ତ ଆବାହକ ଆଶିଷ କୁମାର ବେହେରା, ମୁଖ୍ୟ ସଂଗଠକ ଶୁଭାଶିଷ ପଣ୍ଡା, ସଂଗଠକ ହିରୋ ନାୟକ, କୋଷାଧ୍ୟକ୍ଷ ଲକ୍ଷ୍ମୀନାରାୟଣ ପାତ୍ର ଓ ନୀଳମାଧବ ପାତ୍ର, ସଦସ୍ୟ ନମିତା ପରିଡା, ଅମର ଜ୍ୟୋତି, ନୀଳମାଧବ ପଣ୍ଡା, ଅଶ୍ୱିନୀ କୁମାର ସାହୁ, ସୌମ୍ୟରଞ୍ଜନ ଆଚାରୀ, ସୁବ୍ରତ ବରର୍ତ୍ତୀଙ୍କୁ ସର୍ବ ସମ୍ମତିକ୍ରମେ ଚୟନ କରାଯାଇଥିଲା । ସେହିପରି ଉପଦେଷ୍ଟା ଭାବେ ଆଇନଜୀବୀ ବିଜୟକୃଷ୍ଣ ପଟ୍ଟନାୟକ ଓ ରମେଶଚନ୍ଦ୍ର ମହାନ୍ତି, ପ୍ରଶାନ୍ତ କୁମାର ବେହେରା, ଅଶୋକ କୁମାର ମହାନ୍ତିଙ୍କୁ ମନୋନୀତ କରାଯାଇଛି। ସଂଗଠନ ସଦସ୍ୟମାନେ ଅସହାୟ ଲୋକ, ଦୁର୍ଘଟଣା ବେଳେ ଆହତମାନଙ୍କୁ ସହାୟତା, ଡାକ୍ତରଖାନାରେ ରୋଗୀଙ୍କୁ ରକ୍ତ ଯୋଗାଇବା ଓ ଚାରାରୋପଣ ଆଦି କାର୍ଯ୍ୟ କରୁଛନ୍ତି ।


ସଙ୍ଗଠନ ସଦସ୍ୟମାନେ ଆଲୋଚନା କରୁଛନ୍ତି ।

■ ଗୋଷାଣୀନୂଆଗାଁ କାଳୁଆ ଯାତ୍ରା ଉଦ୍‌ଯାପିତ

# ସବୁ ସାହି ପରିକ୍ରମା କରି ମା’ଙ୍କ ମନ୍ଦିର ବିଜେ

■ ସାଂସ୍କୃତିକ କାର୍ଯ୍ୟକ୍ରମରେ ଦୁଲୁକିଲା ସମଗ୍ର ଅଞ୍ଚଳ

■ ବାହୁଡ଼ାଣି ଯାତ୍ରାରେ ଦର୍ଶନ କଲେ ଲକ୍ଷାଧିକ ଭକ୍ତ

ବ୍ରହ୍ମପୁର ଅଫିସ,୧୩।୧୦

ଆଶ୍ୱିନ କୃଷ୍ଣପକ୍ଷ ମହାଳୟା ଅମାବାସ୍ୟାରୁ ଆରମ୍ଭ ହୋଇଥିବା ସ୍ଥାନୀୟ ଗୋଷାଣୀନୂଆଗାଁର ପାରମ୍ପରିକ ମା’ କାଳୁଆ ଯାତ୍ରା ରବିବାର କୁମାର ପୂର୍ଣ୍ଣିମା ରାତିରେ ଉଦ୍‌ଯାପିତ ହୋଇଯାଇଛି । ମା’ଙ୍କ ନିଜସ୍ୱ ମନ୍ଦିର ବାହୁଡ଼ା ଯାତ୍ରା ପାଇଁ ଗୋଷାଣୀନୂଆଗାଁ ଉତ୍ସବମୁଖର ହୋଇଥିଲା। ନାଚଗୀତ, ଭଜନ ସମାରୋହ, ଭାରତଲୀଳା, ଅପେରା ଓ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମରେ ସମଗ୍ର ଅଞ୍ଚଳ ଦୁଲୁକିଥିଲା ।

ଗୋଷାଣୀନୂଆଗାଁ ଅଞ୍ଚଳରେ ବିଏମ୍‌ସିର ୪ ୱାର୍ଡ ରହିଛି ଏବଂ ସାହି ବସ୍ତି ସଂଖ୍ୟା ୭୦ ଟପିଛି । କୁମାର ପୂର୍ଣ୍ଣିମା ଯୋଗୁ ପୁରୁଣା ପରମ୍ପରା ପ୍ରକାରେ ଲୋକେ ତାସ ଓ କଉଡ଼ି ଖେଳରେ ବ୍ୟସ୍ତ ଥିବା ବେଳେ ଯାତ୍ରା ଦାଣ୍ଡରେ ଜୁଆଡ଼ିଙ୍କ ଜୁଆ ଖେଳ ଚାଲିଥିଲା। ଅପରାହ୍ଣରେ କେତେକ ଅଞ୍ଚଳରେ ସାମାନ୍ୟ ବର୍ଷା ହୋଇଥିଲେ ମଧ୍ୟ ସନ୍ଧ୍ୟା ପରଠାରୁ ପାଗ ଅନୁକୂଳ ଥିବାରୁ ଯାତ୍ରା ଦେଖିବା ପାଇଁ ବ୍ରହ୍ମପୁର ସହର ଓ ଆଖପାଖ ଅଞ୍ଚଳରୁ ଲୋକଙ୍କ ସୁଅ ଛୁଟିଥିଲା ।

ଯାତ୍ରା ପରିଚାଳନା କମିଟି ସଭାପତି ଜଗନ୍ନାଥ ଚୌଧୁରୀଙ୍କ କହିବାନୁସାରେ କେଉଁ ଆବାହମାନ କାଳରୁ ପ୍ରତିବର୍ଷ ଆଶ୍ୱିନ ମାସର ଗୋଟିଏ ପକ୍ଷ କାଳୁଆ ଯାତ୍ରା ଅନୁଷ୍ଠିତ ହେଉଛି । ମହାଳୟା ଅମବାସ୍ୟା ରାତ୍ର ଅଞ୍ଚଳବାସୀ ବାଦ୍ୟ ବାଜଣା ସହ ଶୋଭାଯାତ୍ରାରେ ମନ୍ଦିରକୁ ଯାଇ ମା’ କାଳୁଆ ଗାଁ ଦାଣ୍ଡକୁ ଆସିବା ପାଇଁ ଆବାହନ କରିଥାନ୍ତି । ସେଠାରେ ମା’ଙ୍କ ମସ୍ତକରେ ମୁଖ୍ୟତଃ ଇଟମଳା ସମେତ ଅନ୍ୟ ଫୁଲର ମାଳ ସ୍ଥାପନ ସହ ଚଣ୍ଡୀପାଠ ଆଦି କରାଯାଏ । କିଛି ସମୟ ପରେ ମସ୍ତକରୁ ଫୁଲମାଳ ଆପେ ଖସିବାରୁ ତାହାକୁ ଖଟୁଲିରେ ରଖି ବଡ଼ ସାହି ମଣ୍ଡପ ଅଭିମୁଖେ ଆଣିବା ପାଇଁ ଯାତ୍ରା ଶୁଭାରମ୍ଭ ହୁଏ । ପ୍ରଥମ ଦିନ କାଳୁଆ ଠାକୁରାଣୀ ଗୋଷାଣୀନୂଆଗାଁର ସମସ୍ତ ସାହି ପରିକ୍ରମା ବେଳେ ସବୁ ଘର ଦୁଆରେ ମହିଳାମାନେ ପୂର୍ଣ୍ଣକୁମ୍ଭ ରଖି ଓ ଦୀପ ଜଳାଇ ମା’ଙ୍କ ପ୍ରିୟ ଗଇଁଠା (ଖିରି) ଭୋଗ ଲଗାଇଥାନ୍ତି । ଯାତ୍ରା ଶେଷ ପର୍ଯ୍ୟନ୍ତ ଅର୍ଥାତ କୁମାର ପୂର୍ଣ୍ଣିମା ପର୍ଯ୍ୟନ୍ତ କେବଳ ମଣ୍ଡପରେ ଭକ୍ତଙ୍କୁ ଦର୍ଶନ ଦିଅନ୍ତି କାଳୁଆ। ବାହୁଡ଼ାଣି ପର୍ବରେ ମଧ ସବୁ ସାହି ବୁଲି ମା’ ମନ୍ଦିରକୁ ଯାଇଥାନ୍ତି । ପୁଣି ପୂଜାର୍ଚ୍ଚନା ଏବଂ ହୋମ ପରେ ଖଟୁଲିରେ ସତେଜ ଥିବା ଫୁଲମାଳ କାଳୁଆଙ୍କ ବିଗ୍ରହରେ ସ୍ଥାପନ କରାଯାଇ ଚଳିତ ବର୍ଷର ଯାତ୍ରା ସମାପନ ହୋଇଥାଏ ବୋଲି ସଭାପତି ସୂଚାଇଛନ୍ତି ।


ମା’ କାଳୁଆ ଠାକୁରାଣୀ ।

## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ମୃତ

**ରାଇସୁଆଁ,୧୩।୧୦(ଡି.ଏନ.ଏ.)-** କେନ୍ଦୁଝର ଜିଲା ସଦର ଥାନା ଅନ୍ତର୍ଗତ ସାନଘାଗରା ନିକଟ ଡଙ୍ଗା ପାଣି ଠାରେ ରବିବାର ସନ୍ଧ୍ୟା ୭ଟାରେ ଏକ ଟ୍ରକ, ବାଇକ୍‌କୁ ଧକ୍କା ଦେବା ଫଳରେ ଘଟଣାସ୍ଥଳରେ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଶ୍ୟାମ ଜୁଆଙ୍ଗ। ଦୁର୍ଘଟଣାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ଲାଗି ରହିଛି।

### ଆବାସ ଯୋଜନା ଦୁର୍ନୀତି, ୨ ପିଇଓ ନିଲମ୍ବିତ

**ଘସିପୁରା,୧୩।୧୦(ଡି.ଏନ.ଏ.)–** ଘସିପୁରା ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଅନିୟମିତତା ଅଭିଯୋଗରେ ୨ଜଣ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ନିଲମ୍ବନ କରାଯାଇଛି। ଏହି ବ୍ଲକରେ ଆବାସ ଯୋଜନାରେ କିଛି ଦୁର୍ନୀତିର ତଦନ୍ତ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ତଦନ୍ତକାରୀ ଦଳ ଗଠନ କରାଯାଇଛି। ତେବେ ଏହି ଅଭିଯୋଗର ତଦନ୍ତ ପରେ ଜିଲାପାଳ ଆଶିଷ ଠାକରେ କାର୍ଯ୍ୟରେ ଅବହେଳା କରିଥିବା ଦୁଇ ଜଣ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ନିଲମ୍ବନ କରିଛନ୍ତି।

### ଗ୍ରାମସଭା ଆୟୋଜିତ

**କୋଲିମାଟି, ୧୩।୧୦-(ଡି.ଏନ.ଏ.)-** ଆନନ୍ଦପୁର ବ୍ଲକ ଅଧୀନରେ ଥିବା କୋଲିମାଟି ପଞ୍ଚାୟତରେ ଗ୍ରାମସଭା ଶନିବାର ସକାଳ ୧୧ଟାରେ ଆୟୋଜିତ ହୋଇଥିଲା। ପଞ୍ଚାୟତରେ କିଭଳି ଉନ୍ନତିମୂଳକ କାମ ହୋଇପାରିବ ସେନେଇ ଆଲୋଚନା ହୋଇଥିଲା। ଗରିବ ଯୋଗ୍ୟ ହିତାଧିକାରୀଙ୍କୁ ଠିକ ଭାବେ ସରକାର ତରଫରୁ ମିଳୁଥିବା ସୁବିଧା ସୁଯୋଗ କିପରି ପାଇପାରିବେ ସେଥିପାଇଁ ପଞ୍ଚାୟତର ସମସ୍ତ ସଦସ୍ୟ ଓ ଅଙ୍ଗନୱାଡି କର୍ମୀ, ଆଶାଦିଦିମାନଙ୍କୁ କୋଲିମାଟି ପଞ୍ଚାୟତର ପିଇଓ ଅମିୟ କୁମାର ରାଉତ ମତ ପ୍ରକାଶ କରିଥିଲେ। ଏହି ସଭାରେ କୋଲିମାଟି ପଞ୍ଚାୟତର ସରପଞ୍ଚ ଉତ୍ତରା ଧିର ଓ ମେମ୍ବର ନରସିଂହ ନାଏକ, ଚପଳା ପାତ୍ର, ବିଦୁସ୍ମିତା ପିଙ୍ଗୁଆ, ଜିଆରଏସ ହିମାଂଶୁ ଶେଖର ରାଉତ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ଆନନ୍ଦପୁର ଡେଭଲପମେଣ୍ଟ କମିଟି ବୈଠକ

**ଆନନ୍ଦପୁର,୧୩। ୧୦(ସ୍ୱ.ପ୍ର.)-** ଆନନ୍ଦପୁର ଅଞ୍ଚଳର ବିକାଶ ନିମନ୍ତେ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ଓ ବରିଷ୍ଠ ନାଗରିକ ଉନ୍ନୟନ ପରିଷଦ ଗଠନ କରିବା ସହିତ ଏକ ବୈଠକ କରିଥିବା ଜଣାପଡିଛି। ପୂର୍ଣ୍ଣ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକ ଦଧିବାମନଜୀଉ କଲ୍ୟାଣ ମଣ୍ଡପଠାରେ ରବିବାର ଅପରାହ୍ନରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀ ମୁଖ୍ୟଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ଉପସ୍ଥିତ ଆନନ୍ଦପୁର ବୁଦ୍ଧିଜୀବୀ ଜନସାଧାରଣ ଅଞ୍ଚଳରେ ରହିଥିବା ମୁଖ୍ୟ ସମସ୍ୟା ଯଥା ରିଙ୍ଗ ରୋଡର ମରାମତି, ବ୍ରିଜଛକରେ ବିଶ୍ରାମାଗାର, ବିଏନ ହାଇସ୍କୁଲର ନବୀକରଣ ଏବଂ ସ୍ଥାୟୀ ପ୍ରଧାନ ଶିକ୍ଷକ ନିଯୁକ୍ତି, ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ନିଯୁକ୍ତି, ପାଠାଗାର, ଅଞ୍ଚଳରେ ରହିଥିବା ଜବରଦଖଲ ସମସ୍ୟା ଏବଂ ଏଆରଟିଓ କାର୍ଯ୍ୟାଳୟ ସ୍ଥାପନା ଆଦି ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଡାକ୍ତର ଶିଶିର କୁମାର ଦାସ, ରାମଚନ୍ଦ୍ର ଜେନା, ବିନୋଦ ବିହାରୀ ଦାସ, ରଘୁନାଥ ପଣ୍ଡିତ, ଶ୍ରୀଧର ଦଳେଇ ପ୍ରମୁଖଙ୍କ ସମେତ ବହୁ ବରିଷ୍ଠ ନାଗରିକ ଏବଂ ଜନସାଧାରଣ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ଜହ୍ନକୁ ପୂଜିଲେ କୁଆଁରୀ

**ଢେଙ୍କିକୋଟ, ୧୩।୧୦(ଡି.ଏନ୍.ଏ.)-** ରବିବାର ଥିଲା ପବିତ୍ର କୁମାର ପୂର୍ଣ୍ଣିମା। ଏହି ପୂର୍ଣ୍ଣିମା ତିଥିରେ କଥା କଥିତ କୁଆଁରୀ ଝିଅମାନେ ପୂର୍ଣ୍ଣଚନ୍ଦ୍ର ତଥା ଚାଳକୁ ତୁଳସୀ ଚଉଁରାମୂଳେ ସୁନ୍ଦର ମୁରୁଜ ପକାଇ ପୂଜାପାଠ କରି ବହି ପଢ଼ିଥାନ୍ତି। ଏହି ଅବସରରେ ଢେଙ୍କିକୋଟରେ କୁଆଁରୀମାନେ ଚାନ୍ଦକୁ ବନ୍ଦାପନା କରୁଥିବା ଦେଖିବାକୁ ମିଳିଛି। କୁଆଁର ପୁନେଇ ଜହ୍ନ ଗୋ ଫୁଲ ବଉଲବେଣୀ ଗୀତ ସାଙ୍ଗକୁ କୁଆଁରୀଙ୍କୁ ନାଚ ଏବଂ ଚାନ୍ଦ ବନ୍ଦାପନା ଦେଖିବାକୁ ପଡ଼ିଶାଙ୍କ ଭିଡ଼ ଜମିଥିଲା।

**ପାଟଣା,(ସ୍ୱ.ପ୍ର.)-** କେନ୍ଦୁଝର ଜିଲା ଚଳିତ ବର୍ଷ ପାଟଣା କୁମାରୋତ୍ସବ କମିଟି ସୁବର୍ଣ୍ଣ ଜୟନ୍ତୀ ସମାରୋହ ପାଳନ କରୁଛି। ଏଥି ସହ କୁମାରୀ ଝିଅ ମାନେ ନୂଆବସ୍ତ୍ର ପରିଧାନ ପୂର୍ବକ ଉପବାସ ରହି ରବିବାର ସନ୍ଧ୍ୟାରେ ତୁଳସୀ ଚଉଁରା ମୂଳେ କୁଆଁର ପୁନେଇଁ ପର୍ବ ପାଳିବା ପାଇଁ ଚାନ୍ଦ ବନ୍ଦାପନା କରିଛନ୍ତି।

# କେନ୍ଦୁଝରରେ 'ମୋ ସରକାର ଟିମ୍'

**କେନ୍ଦୁଝର, ୧୩।୧୦ (ସ୍ୱ.ପ୍ର./ ଡି.ଏନ.ଏ.)**


ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନରେ ୫-ଟି ସଚିବ।

- ଡାକ୍ତରଖାନା ବୁଲି ଦେଖିଲେ
- ଅନ୍ତେବାସୀଙ୍କ ସହ ମଧ୍ୟାହ୍ନଭୋଜନ କଲେ
- ମା' ଓ ଶିଶୁ ୱାର୍ଡରେ ଲିଫ୍ଟ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ

ରବିବାର ରାଜ୍ୟ ସରକାରଙ୍କର 'ମୋ ସରକାର ଟିମ୍' କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରି ଡାକ୍ତରଖାନାର ଅବସ୍ଥା ଅନୁଧ୍ୟାନ କରିବା ସହ ସ୍ୱାସ୍ଥ୍ୟସେବା ତଦାରଖ କରିଛନ୍ତି। ଡାକ୍ତରଖାନା ପରିଦର୍ଶନ କରିବା ସହ ଅବସ୍ଥା ଓ ସ୍ୱାସ୍ଥ୍ୟ ସେବା ସନ୍ତୋଷଜନକ ବୋଲି ଜଣାଇଛନ୍ତି। ଓଡ଼ିଶାର ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର, ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ୫-ଟି ସଚିବ ଭି.କାର୍ତ୍ତିକେୟ ପାଣ୍ଡିଆନ୍ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ୍ ନିର୍ଦ୍ଦେଶକ ଶାଳିନୀ ପଣ୍ଡିତ୍ ଏହି ଟିମ୍‌ରେ ସାମିଲ ହୋଇଥିଲେ। ଅପରାହ୍ନରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସି ଶତବାର୍ଷିକୀ ଗୃହରେ ବହିର୍ବିଭାଗର ପରିଚାଳନା ତଦାରଖ କରି ଶଲ୍ୟ ବିଭାଗ, ଭେଷଜ ବିଭାଗର ପୁରୁଷ ଓ ମହିଳା ୱାର୍ଡ ପରିଦର୍ଶନ ଓ ତଦାରଖ ସାରିବା ପରେ ମା ଓ ଶିଶୁ ୱାର୍ଡ ତଦାରଖ କରିଥିଲେ। ଏହି ୱାର୍ଡରେ ପ୍ରସବ ପରବର୍ତ୍ତୀ ୱାର୍ଡ ଓ ଶିଶୁ ୱାର୍ଡ ପର୍ଯ୍ୟବେକ୍ଷଣ କରିବା ସହିତ ଉପଲବ୍ଧ ହେଉଥିବା ସେବା ତଦାରଖ କରିଥିଲେ। ଏହାପରେ ଡାକ୍ତରଖାନା ପରିସରରେ ଥିବା ସମ୍ମିଳନୀ କକ୍ଷରେ 'ମୋ ସରକାର ଟିମ୍' ଡାକ୍ତରଖାନା ଓ ଡାକ୍ତରଖାନାର ପରିଚାଳନା, ରୋଗୀମାନଙ୍କୁ ଯୋଗାଇ ଦିଆଯାଉଥିବା ସେବା ସମ୍ପର୍କରେ ସମୀକ୍ଷା କରିଥିଲେ। ଏହି ବୈଠକରେ ଜିଲାପାଳ ଆଶିଷ ଠାକରେ, ଏସ୍‌ପି ମିତ୍ରଭାନୁ ମହାପାତ୍ର, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଅଶୋକ ଦାଶ, ଏଡିଏମ୍‌ଓ(ମେଡିକାଲ) ଡା. ଜି.ସି ମିଶ୍ର, ଏଡିଏମ୍‌ଓ(ଏଫ୍‌ଡବ୍ଲ୍ୟୁ) ଡା.ଏସ୍.ଏସ୍ ବଳ, ଡିପିଏମ୍‌ଏନ୍‌ଏଚ୍‌ଏମ୍ ଦିଲୀପ କୁମାର ଦୁବେଙ୍କ ସମେତ ଡାକ୍ତର ଓ ଷ୍ଟାଫ୍ ନର୍ସମାନେ ଉପସ୍ଥିତ ଥିଲେ। ସ୍ୱାସ୍ଥ୍ୟସେବାକୁ ମୁଖ୍ୟମନ୍ତ୍ରୀ ଅଗ୍ରାଧିକାର ଦେଇଛନ୍ତି ବୋଲି ପାଣ୍ଡିଆନ କହିଥିଲେ। ଏହି କ୍ରମରେ ଟେଲିଫୋନ୍ ମାଧ୍ୟମରେ ହିତାଧିକାରୀମାନଙ୍କ ସହ ମୁଖ୍ୟମନ୍ତ୍ରୀ କଥା ହୋଇ ସେମାନେ କିପରି ସେବା ପାଉଛନ୍ତି ତାହା ବୁଝୁଛନ୍ତି ବୋଲି କହିଥିଲେ। ପରିଦର୍ଶନ ଓ ତଦାରଖ ସମୟରେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟର ଅବସ୍ଥା ଓ ସ୍ୱାସ୍ଥ୍ୟସେବା ଯୋଗାଣ ସନ୍ତୋଷଜନକ ହୋଇଛି ବୋଲି ଖୁସିବ୍ୟକ୍ତ କରିବା ସହ ଆଗାମୀ ଦିନରେ ଡାକ୍ତର ଓ ପାରାମେଡିକାଲ ଷ୍ଟାଫ୍‌ମାନେ ନିଷ୍ଠାର ସହ କାର୍ଯ୍ୟ କରି ରୋଗୀମାନଙ୍କୁ ସେବା ଯୋଗାଇ ଦେବାକୁ କହିଥିଲେ।

କେନ୍ଦୁଝର ଜିଲା ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନୂତନ ମାନକ ସୃଷ୍ଟି କରିବା ଦିଗରେ କାର୍ଯ୍ୟ କରିବାକୁ କହିଥିଲେ। ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର ଉଦ୍‌ବୋଧନ ଦେଇ 'ମୋ ସରକାର' କାର୍ଯ୍ୟକ୍ରମରେ ସମସ୍ତଙ୍କ ପାଇଁ ଯେପରି ସ୍ୱାସ୍ଥ୍ୟସେବା ଉପଲବ୍ଧ ହୋଇପାରିବ ସେଥିପାଇଁ ସ୍ୱାସ୍ଥ୍ୟ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଅଙ୍ଗୀକାରବଦ୍ଧ ହୋଇ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏତଦ୍‌ବ୍ୟତୀତ ବହୁତଳ ବିଶିଷ୍ଟ ମା ଓ ଶିଶୁ ୱାର୍ଡରେ ଲିଫ୍ଟ ବ୍ୟବସ୍ଥା କରିବା ପାଇଁ ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲାର ସମସ୍ତ ଚିକିତ୍ସାଳୟମାନଙ୍କରେ ଯେପରି ରୋଗୀମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇପାରିବ, ପରିଷ୍କାର ପରିଚ୍ଛନ୍ନତା ରକ୍ଷା କରାଯାଇପାରିବ ସେ ଦିଗରେ ସମ୍ମିଳିତ ଉଦ୍ୟମ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଭଲ କାମ କଲେ ସ୍ୱୀକୃତି ଓ ପୁରସ୍କାର ମିଳିବ ଏବଂ କାର୍ଯ୍ୟରେ ଅବହେଳା କଲେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି 'ମୋ ସରକାର' ଟିମ୍ ସତର୍କ କରାଇଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ ସାରି ଏହି ଟିମ୍ ମନୋଜ ମଞ୍ଜରୀ ଶିଶୁଭବନଠାରେ ଅନ୍ତେବାସୀଙ୍କ ସହ ମଧ୍ୟାହ୍ନଭୋଜନ କରିଥିଲେ। ଜିଲାପାଳ ଆଶିଷ ଠାକରେ ଏବଂ ଏସ୍‌ପି ମିତ୍ରଭାନୁ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ 'ମୋ ସରକାର' ଟିମ୍‌ଙ୍କ କେନ୍ଦୁଝର ଜିଲା ଗସ୍ତ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା।

### ଦିନଟିଏ ନା ସବୁ ଦିନ

'ମୋ ସରକାର' ଟିମ କେନ୍ଦୁଝର ଗସ୍ତ ବେଳେ ଡାକ୍ତରଖାନା ପରିସରରେ ସ୍ୱଚ୍ଛତା ଓ ରୋଗୀଙ୍କ ପ୍ରତି ଡାକ୍ତର ଓ କର୍ମଚାରୀଙ୍କ ବ୍ୟବହାର ସମସ୍ତଙ୍କୁ ଚକିତ କରିଥିଲା । କିନ୍ତୁ ଏହା ଦିନଟିଏ ପାଇଁ ନା ସବୁଦିନ ଏଭଳି ସୁବିଧା ମିଳିବ ସେନେଇ ରୋଗୀ ତଥା ସେମାନଙ୍କ ସମ୍ପର୍କୀୟ ଓ ସାଧାରଣ ନାଗରିକ ମାନଙ୍କ ମଧ୍ୟରେ ପ୍ରଶ୍ନ ଉଙ୍କି ମାରିଛି । ଦୀର୍ଘ ବହୁ ବର୍ଷ ହେଲା ସଫେଇ ହୋଇ ନ ଥିବା ପରିସରକୁ ଟିମ ଗସ୍ତ ପାଇଁ ରାତାରାତି ସଫେଇ କରାଗଲା। ସେହିପରି ରଙ୍ଗ ମାରି ନୂଆ ୱାର୍ଡରେ ରୋଗୀଙ୍କ ଚିକିତ୍ସା ମଧ୍ୟ କରାଗଲା । ସୁଷମ ଖାଦ୍ୟ ମିଳିଲା । ଭଲ ବ୍ୟବହାର ଓ ଚିକିତ୍ସା ମିଳିଲା । ପରିସରରେ ଘରୋଇ ଆମ୍ବୁଲାନ୍ସଙ୍କ ଭିଡ ନ ଥିଲା । ପରିସରରେ ଦଲାଲ ମୁକ୍ତ ବୋଲି ପୋଷ୍ଟର ମରାଯାଇ ସମସ୍ତଙ୍କୁ ମୋହିତ କରାଗଲା । ସମୟ ଅତିକ୍ରାନ୍ତ ପୂର୍ବରୁ ପଳାଇ ଯାଉଥିବା ଡାକ୍ତର ଓ କର୍ମଚାରୀଙ୍କୁ ନିଜ ନିଜ କାମରେ ଲାଗିଥିବା ଦେଖିବାକୁ ମିଳିଥିଲା । ଏଣୁ ମୋ ସରକାର ଟିମ ନିୟମିତ ଗସ୍ତ କରିବା ସହ ସିଧାସଳଖ ଲୋକଙ୍କ ସମସ୍ୟାକୁ ଶୁଣିବାକୁ ବ୍ୟବସ୍ଥା କଲେ ଏହା ଫଳପ୍ରଦ ହୋଇ ପାରିବ ବୋଲି ମତ ପ୍ରକାଶ ପାଉଛି ।

### ବସ୍-ଟ୍ରକ୍ ମୁହାଁମୁହିଁ
### ୨୦ ଆହତ, ୫ ଗୁରୁତର

**କେନ୍ଦୁଝର, ୧୩।୧୦(ଡି.ଏନଏ)**

କେନ୍ଦୁଝର ଜିଲ୍ଲା ଦେଇ ଯାଇଥିବା ଜାତୀୟ ରାଜପଥ ୪୯ର କାଞ୍ଜିପାଣି ନିକଟରେ ବସ୍-ଟ୍ରକ୍ ମୁହାଁମୁହିଁ ଧକ୍କା ହୋଇଥିବା ଜଣାପଡିଛି। ଫଳରେ ବସରେ ଥିବା ୨୦ଜଣ ଯାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୫ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ଚିକିତ୍ସା ପାଇଁ କେନ୍ଦୁଝର ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ମିଳିଥିବା ସୂଚନା ଅନୁସାରେ, ଅମ୍ବିକା ନାମକ ଏକ ଘରୋଇ ଯାତ୍ରୀବାହୀ ବସ୍ ଅନୁଗୋଳଠାରୁ ରାଇରଙ୍ଗପୁର ଅଭିମୁଖେ ଜାତୀୟ ରାଜପଥ ୪୯ରେ ଯାଉଥିଲା। କାଞ୍ଜିପାଣି ନିକଟରେ ଉକ୍ତ ବସ୍ ଏବଂ ଏକ ମାଲବାହୀ ଟ୍ରକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ବସରେ ଥିବା ୨୦ ଯାତ୍ରୀ ଆହତ ହୋଇଥିଲେ। ଖବରପାଇ କାଞ୍ଜିପାଣି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ କେନ୍ଦୁଝର ମୁଖ୍ୟ ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ୫ଜଣଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡିଛି। କାଞ୍ଜିପାଣି ପୋଲିସ ଦୁର୍ଘଟଣାଗ୍ରସ୍ତ ଦୁଇ ଗାଡିକୁ ଜବତ କରିଛି।

### ରୋଗୀଙ୍କୁ ରକ୍ତଦାନ

**ଆନନ୍ଦପୁର,୧୩।୧୦(ସ୍ୱ.ପ୍ର.)**

ଆନନ୍ଦପୁର ପୌରପରିଷଦ ଫକୀରପୁର ଯୁବକ ସଂଘର ସକ୍ରିୟ ସଦସ୍ୟ ରୁଦ୍ର ନାରାୟଣ ଦାଶ ସ୍ୱଇଚ୍ଛାରେ ଗୋଟିଏ ୟୁନିଟ୍ ରକ୍ତ ଦାନ କରିଛନ୍ତି। ଆନନ୍ଦପୁର ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ଜଣେ ରୋଗୀଙ୍କର ବି(+) ରକ୍ତର ଆବଶ୍ୟକତା ଥିଲା। ବିଭିନ୍ନ ସମୟରେ ଫକୀରପୁର ଯୁବକ ସଂଘର ସଦସ୍ୟମାନେ ରକ୍ତ ସଂଗ୍ରହ କରି ରୋଗୀଙ୍କୁ ସାହାଯ୍ୟ କରିଆସିଛନ୍ତି।

## ଏପାଖ ସେପାଖ

### ପାଣି ଘେରରେ ଡାକ୍ତରଖାନା



ପାଣି ଜମି ରହିଥିବାରୁ ଲୋକେ ହଇରାଣ ହୋଇ ଯାଉଛନ୍ତି।

**କେନ୍ଦୁଝର, ୧୩।୧୦ (ସ୍ୱ.ପ୍ର.)**

ମୋ ସରକାର ଟିମ କେନ୍ଦୁଝର ଗସ୍ତରେ ଆସି ଜିଲା ମୁଖ୍ୟଡାକ୍ତରଖାନାରେ ରୋଗୀ ସେବା ଠିକ ଭାବରେ ଚାଲିଥିବା ନେଇ ସନ୍ତୋଷ ବ୍ୟକ୍ତ କରି ଫେରିଛନ୍ତି। ଏହି ସନ୍ତୋଷ ପ୍ରମାଣପତ୍ର ପାଇବା ପାଇଁ ଚେଇଁ ଉଠିବା ଭଳି ଶୋଇଥିବା ଜିଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ଗତ ୩ ଦିନ ହେଲା ହଠାତ ତତ୍ପରତା ଦେଖାଇ ସଫେଇ ଓ ଡାକ୍ତରଖାନାର ସୌନ୍ଦର୍ଯ୍ୟକରଣ କାମରେ ଲାଗିଥିଲେ । ତେବେ ଗସ୍ତ ସମୟରେ ପ୍ରବଳ ବର୍ଷା ହେବାରୁ ଡାକ୍ତରଖାନା ପରିସରରେ ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ଡାକ୍ତରଖାନାର ସିଡିଏମଓ କାର୍ଯ୍ୟାଳୟ ଓ ପିପି କେନ୍ଦ୍ର ଜଳମଗ୍ନ ହୋଇଯାଇଥିଲା। ଫଳରେ ଡାକ୍ତରଖାନାର ଅବ୍ୟବସ୍ଥା ପଦାରେ ପଡିଥିଲା। ପାଣି ଜମା ହୋଇ ରହିବାରୁ ଡାକ୍ତର ଓ ଅନ୍ୟ କର୍ମଚାରୀ ମାନେ ବହୁ ହୀନସ୍ତା ହୋଇଥିଲେ । କିଏ ପାଣିରେ ପଶି ପଦାକୁ ଆସିଥିଲେ ତ କିଏ ଷ୍ଟିଲ ବାରିକେଡ ଚଢି ବିପଦପୂର୍ଣ୍ଣ ଅବସ୍ଥାରେ ବାହାରକୁ ଆସିଥିଲେ। ଫଳରେ ସରକାରଙ୍କ ଏହି 'ମୋ ସରକାର' ଯୋଜନାର ସଫଳତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ମହିଳା ଡାକ୍ତର, ନର୍ସ ଓ ଅନ୍ୟ କର୍ମଚାରୀ ମାନଙ୍କୁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରି ହୀନସ୍ତା ହେବାକୁ ପଡିଥିଲା । ଏନେଇ ପାଣିରେ ଫସି ଥିବା ସ୍ତ୍ରୀ ଓ ପ୍ରସୂତି ବିଭାଗର ବିଶେଷଜ୍ଞ ଡାକ୍ତର ମମତାରାଣୀ ଜେନା ଅତ୍ୟନ୍ତ ଦୁଃଖ ପ୍ରକାଶ କରି କହିଛନ୍ତି ଯେ, ସେ ଓଡିଶା ସରକାରଙ୍କ ଜଣେ ଡାକ୍ତର ଏବଂ ଏଭଳି ସ୍ଥାନରେ କାମ କରୁଥିବାରୁ ତାଙ୍କୁ ଖରାପ ଲାଗୁଛି। ପିପି ସେଣ୍ଟରରେ ନବ ଜନ୍ମିତ ଶିଶୁ ମାନଙ୍କ ଟୀକାକରଣ ଭଳି ଗୁରୁତ୍ୱପୂର୍ଣ୍ଣ ଚିକିତ୍ସା କରାଯାଇଥାଏ। ଏଣୁ ଏଭଳି ପାଣି ଜମା ହେବା ଦ୍ୱାରା ଶିଶୁ ମାନଙ୍କୁ ରୋଗ ସଂକ୍ରମଣ ହେବା ସମ୍ଭାବନା ରହିଛି। ପ୍ରକାଶ ଯେ ଡ୍ରେନ ଓ ଡାକ୍ତରଖାନା ପରିସରର ମଇଳା ଆବର୍ଜନା ପାଣି ଏଠାରେ ଜମା ହୋଇ ରହୁଥିବାରୁ ବିଭିନ୍ନ ପ୍ରକାରର ରୋଗ ବ୍ୟାପିବା ଆଶଙ୍କା ରହୁଛି। ଏଭଳି ସମସ୍ୟାର ସ୍ଥାୟୀ ସମାଧାନ କରାଯାଉ ନ ଥିବା ବେଳେ ଏନେଇ ସିଡିଏମଓ ଡାକ୍ତର ଅଶୋକ କୁମାର ଦାସ କହିଛନ୍ତି ଯେ ଏହାର ସ୍ଥାୟୀ ସମାଧାନ କରିବା ପାଇଁ ପଦକ୍ଷେପ ନିଆଯିବ।

### କ୍ଷୁବ୍ଧ ହେଲେ ଜିଲା ପରିଷଦ ଅଧକ୍ଷା

କଡା ସୁରକ୍ଷା ମଧ୍ୟରେ ମୋ ସରକାର ଟିମ ଜିଲା ମୁଖ୍ୟ ଡାକ୍ତରଖାନାରେ ସ୍ୱାସ୍ଥ୍ୟ ସେବାର ସମୀକ୍ଷା କଲେ । ପ୍ରଶାସନ ନିଜର ଦକ୍ଷତା ଓ ସଫଳତା ଦେଖାଇବା ପାଇଁ ପୂର୍ବରୁ ପ୍ରସ୍ତୁତି କରିସାରିଥିଲା। ଏଣୁ ମୋ ସରକାର ଟିମ ଏଭଳି ଗସ୍ତକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ନୂଆ ବେଡ ଓ ନୂଆ ୱାର୍ଡକୁ ରାତାରାତି ରୋଗୀଙ୍କୁ ବୁହା ଯାଇ ରଖାଯାଇଥିଲା । ଏବଂ ପୁରୁଣା ରୋଗୀଙ୍କୁ କୁଆଡେ ଡିସଚାର୍ଜ କରିଦିଆଯାଇଥିଲା। ଜିଲାର ଅନ୍ୟ ଡାକ୍ତରଖାନାରୁ ଡାକ୍ତର ଓ କର୍ମଚାରୀଙ୍କୁ ଅଣାଯାଇ ଏଠାରେ ନିୟୋଜିତ କରିବା ସହ ରୋଗୀଙ୍କୁ ମନଖୁସି କରିବା ପାଇଁ ଉଦ୍ୟମ କରାଯାଇଥିଲା ବୋଲି ଅଭିଯୋଗ ହେଉଛି। ଏଣୁ ସାଧାରଣ ଲୋକଙ୍କ ମତାମତ ଲୋଡା ଗଲା ନାହିଁ। ଏପରିକି ଜିଲା ପରିଷଦ ଅଧକ୍ଷା କମଳିନୀ ପାତ୍ରଙ୍କୁ ମଧ୍ୟ ୱାର୍ଡ ଭିତରକୁ ଛଡା ନ ଯିବାରୁ ଉଦବେଗ ପ୍ରକାଶ ପାଇଥିଲା। ରୋଗୀଙ୍କ ପ୍ରକୃତ ସମସ୍ୟା ମୋ ସରକାର ଟିମ କୁ କେହି ଜଣାଇଦେବେ ବୋଲି ପୂର୍ବ ପ୍ରୟାସରେ ପ୍ରଶାସନ ସଫଳ ହୋଇଥିଲେ ହେଁ ମୋ ସରକାର ଟିମ ଏଭଳି ଆୟୋଜନକୁ କେଉଁ ଦୃଷ୍ଟି କୋଣରୁ ସନ୍ତୋଷ ବ୍ୟକ୍ତ କରି ଫେରିଲେ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

### ଶିକ୍ଷକ ବିଜୟଙ୍କୁ ପୁରସ୍କୃତ

**କେନ୍ଦୁଝର, ୧୩।୧୦(ଡି.ଏନ୍.ଏ.)**

ଏନ୍‌ଏସ୍ ପୋଲିସ ହାଇସ୍କୁଲର ଶିକ୍ଷକ ତଥା ସାମାଜିକ କର୍ମୀ ବିଜୟ କୁମାର ବେହେରାଙ୍କୁ ନୂଆଦିଲ୍ଲୀସ୍ଥିତ ଲାଜପତନଗର ଲାଜପତ ଭବନ ସଭାଗୃହରେ ହିନ୍ଦ୍ ଗୌରବ ଆୱାର୍ଡ ସମ୍ମାନରେ ସମ୍ମାନିତ କରାଯାଇଛି। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଗ୍ଲୋବାଲ ଇନ୍‌ଷ୍ଟିଚ୍ୟୁଟ ଅଲଟରନେଟ ସାଇନ୍ସ ଆନ୍ତର୍ଜାତିକ ସଂସ୍ଥାର ଅଧ୍ୟକ୍ଷ ସୁନୀଲ କୁମାର ବୋକୋଲିୟା ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟଅତିଥି ଭାବେ କାରଗିଲ ଯୋଦ୍ଧା ମଖନଲାଲ, ସମ୍ମାନିତ ଅତିଥି ଭାବେ ସତ୍ୟନାରାୟଣ ଶର୍ମା, ସଚିନ କୁମାର ଆଇଏଏସ୍, ମୋହନଲାଲ ଖଟନାୱାଲିୟା ଏସ୍‌ଡିଏମ୍ ପ୍ରମୁଖ ଉପସ୍ଥିତ ରହି ବିଜୟ ବେହେରାଙ୍କୁ ଶିକ୍ଷକତା ସହିତ ସମାଜସେବା ପାଇଁ ହିନ୍ଦ୍ ଗୌରବ ଆୱାର୍ଡ ପ୍ରଦାନ କରିଥିଲେ। ବିଭିନ୍ନ ରାଜ୍ୟରୁ ଦେଶ ତଥା ସମାଜ ପାଇଁ ଅବଦାନ ରଖିଥିବା ୧୨୯ଜଣ ବ୍ୟକ୍ତିଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା। ଜାତୀୟସ୍ତରରେ କେନ୍ଦୁଝର ଜିଲାର ନାମ ଗୌରବ ବୃଦ୍ଧି କରିଥିବାରୁ ବେହେରାଙ୍କୁ ବିଭିନ୍ନ ବର୍ଗରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

■ ପିଡିଏସ ଚାଉଳ ବଣ୍ଟନରେ ଅନିୟମିତତା

## ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା

**ଚମ୍ପୁଆ, ୧୩।୧୦(ଡି.ଏନ.ଏ.)**


ଚାଉଳ ମିଳି ନ ଥିବା ହିତାଧିକାରୀ।

ଚମ୍ପୁଆ ବ୍ଲକ ସରେଇ ପଞ୍ଚାୟତରେ ପିଡିଏସ ଚାଉଳ ବଣ୍ଟନକୁ ନେଇ ହୋଇଥିବା ଅନିୟମିତତା ତଥା ପାତର ଅନ୍ତର ପାଇଁ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା। ଏ ନେଇ ଓଡିଶା ଜନସେବା ସଂଗଠନ ରାଜ୍ୟ ସମ୍ପାଦକ ମହେନ୍ଦ୍ର କୁମାର ଗିରି ଫୋନ ଯୋଗେ ଜଣେ ବିଭାଗୀୟ ଅଧିକାରୀଙ୍କୁ ସୂଚନା ଦେବାପରେ ଅଧିକାରୀ ଜଣକ ତୁରନ୍ତ ସାମଗ୍ରୀ ବିକ୍ରେତାକୁ ଘଟଣା ବିଷୟରେ ପଚାରି ବୁଝିବା ସହ ୫ ମାସର ପିଡିଏସ ସାମଗ୍ରୀ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ସରେଇ ପଞ୍ଚାୟତ ପିଡିଏସ ସାମଗ୍ରୀ ବଣ୍ଟନ କେନ୍ଦ୍ରରେ ଉକ୍ତ ପଞ୍ଚାୟତର ସରେଇ, ଟୁଣ୍ଡୁଟୁଣା, ଉର୍ଦ୍ଦି ଓ ଟୋଲକନଣ୍ଡାର ହିତାଧିକାରୀମାନେ ପିଡିଏସ ଚାଉଳ କ୍ରୟ କରୁଥିବାବେଳେ ଚଳିତ ମାସ ହିତାଧିକାରୀମାନଙ୍କୁ ୫ ମାସର ସାମଗ୍ରୀ ଦେବାର ବ୍ୟବସ୍ଥା କରାଯାଇଛି। ହେଲେ ସାମଗ୍ରୀ ବଣ୍ଟନକାରୀ ସରେଇ, ଟୁଣ୍ଡୁଟୁଣା ଓ ଉର୍ଦ୍ଦି ହିତାଧିକାରୀଙ୍କୁ ୫ ମାସର ସାମଗ୍ରୀ ପ୍ରଦାନ କରାଯାଇଥିବା ବେଳେ ଟୋଲକନଣ୍ଡା ଲୋକଙ୍କୁ ମାତ୍ର ୩ ମାସର ସାମଗ୍ରୀ ଦିଆଯିବା ଆରମ୍ଭ ହେବାରୁ ଏହାକୁ ବିରୋଧ କରାଯାଇଥିଲା। ଏ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଅନେକ ଚାଉଳ ନେବାକୁ ମନାକରି ଫେରି ଯାଇଥିଲେ। ବିଭାଗୀୟ ଅଧିକାରୀଙ୍କ ନିର୍ଦ୍ଦେଶ ପରେ ପରିସ୍ଥିତି ସମାଧାନ ହୋଇଥିଲା। ଆସନ୍ତାକାଲି ପିଡିଏସ ଚାଉଳ ନେଇ ନ ଥିବା ଲୋକଙ୍କୁ ୫ ମାସର ସାମଗ୍ରୀ ଯୋଗାଇ ଦିଆଯିବ ବୋଲି ଅଧିକାରୀ ସୂଚନା ଦେଇଛନ୍ତି।

## ବିଭିନ୍ନ ସ୍ଥାନରେ ଧନଦାତ୍ରୀଙ୍କ ପୂଜା

**ହାଟଡିହୀ, ୧୩।୧୦(ଡି.ଏନ୍.ଏ.)**


ହାଟଡିହୀର ଜଳକଳଙ୍ଗ ବ୍ଲକ ବଜାର ସାର୍ବଜନୀନ ପୂଜା।

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଜଳକଳଙ୍ଗ ବ୍ଲକ ବଜାର ସାର୍ବଜନୀନ ପୂଜା କମିଟି ତରଫରୁ ମା' ଗଜଲକ୍ଷ୍ମୀଙ୍କ ପୂଜା ଆରମ୍ଭ ହୋଇଛି। ଦୀର୍ଘ ୩୭ ବର୍ଷ ଧରି ଏହି ପୂଜା ଅନୁଷ୍ଠିତ ହୋଇଆସୁଛି। ସୁସଜ୍ଜିତ ତୋରଣ ଓ ଆଲୋକମାଳାରେ ସ୍ଥାନୀୟ ଅଞ୍ଚଳ ଉତ୍ସବ ମୁଖରିତ ହୋଇଉଠିଛି। ନିକଟସ୍ଥ ନନ୍ଦିସାହି ପୋଖରୀରୁ ଅପରାହ୍ନରେ କଳସ ବୁଡାଯାଇ ଅଣାଯାଇଥିଲା। ଶଙ୍ଖ, ହୁଳହୁଳି, ଘଣ୍ଟ ଧ୍ୱନୀରେ ଏକ ନିଆରା ପରିବେଶ ସମସ୍ତଙ୍କୁ ଆନନ୍ଦିତ କରିଛି। ବୁଦ୍ଧଦେବ ଜେନା, କାମପାଳ ନାୟକ, ଶଦାସିବ ଚକ୍ର, ଶଙ୍କର୍ଷଣ ନାୟକ, ଭଗବାନ ନାୟକ, ଗୋପାଳ ନାୟକ, ବାବାଜି ଜେନା, ରୁଦ୍ର ନାରାୟଣ ଜେନା ପ୍ରମୁଖ କମିଟି ସଦସ୍ୟ ପୂଜା କାର୍ଯ୍ୟ ପରିଚାଳନାରେ ସାହାଯ୍ୟ କରୁଛନ୍ତି।


ଆନନ୍ଦପୁରର ଗଜଲକ୍ଷ୍ମୀ ପୂଜା।

ରୀତିନୀତି ଅନୁଯାୟୀ ପୂଜାକାର୍ଯ୍ୟ ଆରମ୍ଭ ହୋଇଥିଲା। ବାବାଜୀ ତ୍ରିପାଠୀ, ମାୟାଧର ଦାଶ ପ୍ରମୁଖ ପୂଜା କାର୍ଯ୍ୟ ତୁଲାଉଛନ୍ତି। ୭ ଦିନ ଧରି ପୂଜା କାର୍ଯ୍ୟ ଅନୁଷ୍ଠିତ ହେବ। ଭଜନ, କୀର୍ତ୍ତନ ସହ ମେଲୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ସେହିପରି ଶାଳଣିଆ, ଅଣା, ଛେନାପଦୀ, ତରତରା, ହାଟଡିହୀ ହାଇସ୍କୁଲ ଛକ ଓ ସୋସୋ ଥାନାଅଧୀନ ବିଭିନ୍ନ ସ୍ଥାନରେ ମା ଗଜଲକ୍ଷ୍ମୀଙ୍କ ପୂଜା ଅନୁଷ୍ଠିତ ହୋଇଛି।

**ଆନନ୍ଦପୁର,(ସ୍ୱ.ପ୍ର.)**

ମା'ଗଜଲକ୍ଷ୍ମୀଙ୍କ ପୂଜା ପାଇଁ ଆନନ୍ଦପୁର ଓ ଏହାର ଆଖପାଖ ଅଞ୍ଚଳ ଉତ୍ସବ ମୁଖରିତ ହୋଇଉଠିଛି। ଆନନ୍ଦପୁର ବଡ଼ଦାଣ୍ଡ, ଲକ୍ଷ୍ମୀବଜାର ପୂଜା କମିଟି, ସିନେମା ହଲ ଛକ, ସୁଡୁସୁଡିଆ ବାଇପାସ୍ ପ୍ରଭୃତି ଅଞ୍ଚଳରେ ଲକ୍ଷ୍ମୀପୂଜା ବେଶ ଧୁମ୍‌ଧାମରେ ଆରମ୍ଭ ହୋଇଛି। ଏଥିପାଇଁ ବିଭିନ୍ନ କମିଟି ପକ୍ଷରୁ ୫ ଦିନ ଧରି ପୂଜାର୍ଚ୍ଚନା କାର୍ଯ୍ୟ ଲାଗିରହିଥାଏ। ମା'ଙ୍କ ମଣ୍ଡପକୁ ଆକର୍ଷଣୀୟ ତୋରଣରେ ସଜାଯାଇ ବିଭିନ୍ନ ଆଲୋକମାଳାରେ ଆକର୍ଷଣୀୟ କରାଯାଇଛି। ବିଭିନ୍ନ କମିଟି ପକ୍ଷରୁ ପୂଜାବିଧି ଯଥାରୀତି ପାଳନ କରାଯାଉଥିବାବେଳେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି।

**ପାଟଣା, ୧୩।୧୦(ସ୍ୱ.ପ୍ର.)**

ପାଟଣା ବ୍ଲକର ବିଭିନ୍ନ ସ୍ଥାନରେ ରବିବାର ଗଜଲକ୍ଷ୍ମୀ ପୂଜା ନୀତି କାନ୍ତିରେ ସମ୍ପନ୍ନ ହୋଇଛି। ମା, ଲକ୍ଷ୍ମୀ ଠାକୁରାଣୀଙ୍କ ସୁନ୍ଦର ମୃଣ୍ମୟୀ ମୂର୍ତ୍ତି ସାଙ୍ଗକୁ ସୁଦୃଶ ତୋରଣ ଓ ଆଲୋକ ମାଳାରେ ପୂଜା ମଣ୍ଡପ ଝଲସୁଛି। ପୂଜା ମଣ୍ଡପ ଗୁଡିକରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ ପରିଲକ୍ଷିତ ହୋଇଥିଲା।

### ନିଳାଦ୍ରୀର ବାର୍ଷିକ ସମାରୋହ, କୁମାରୋତ୍ସବ

**ବଡ଼ବିଲ, ୧୩.୧୦(ସ.ପ୍ର.)**

କେନ୍ଦୁଝର ଜିଲା ବଡ଼ବିଲସ୍ଥିତ ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ନିଳାଦ୍ରୀର ୫ମ ବାର୍ଷିକୋତ୍ସବ, କୁମାରୋତ୍ସବ ରବିବାର ସନ୍ଧ୍ୟାରେ ଉତ୍ସାହ ଉଦ୍ଦୀପନାର ସହ ଅନୁଷ୍ଠିତ ହୋଇଛି। ସନ୍ଧ୍ୟାର ଆଗମନରେ ମହିଳାମାନେ ଏକ ଶତ ଦୀପ ସାହାଯ୍ୟରେ ଚନ୍ଦ୍ର ବନ୍ଦାପନା କରିଥିଲେ। ଏହାପରେ ଅନୁଷ୍ଠାନର ବାର୍ଷିକୋତ୍ସବ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ଭାଷ୍ୟକାର ଦେବପ୍ରସାଦ ପରିଜା, ମୁଖ୍ୟବକ୍ତା ଭାବେ ଶରଣାରବିନ୍ଦ ଓଝା ପ୍ରମୁଖ ଯୋଗ ଦେଇ ମଞ୍ଚ ସମ୍ମୁଖରେ ଦୀପ ପ୍ରଜଳନ କରି ଉତ୍ସବର ଶୁଭାରମ୍ଭ କରିଥିଲେ। ଅନୁଷ୍ଠାନର ସଦସ୍ୟ ଶାନ୍ତନୁ ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲାବେଳେ ସଭାପତି ବଳରାମ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପାଦକଙ୍କ ବାର୍ଷିକ ବିବରଣୀ ପାଠ ପରେ ମୁଖ୍ୟ ବକ୍ତା ଓ ମୁଖ୍ୟ ଅତିଥି ଓଡ଼ିଆ ଭାଷାର ପ୍ରଚାର ପ୍ରସାର ଦିଗରେ ଓଡ଼ିଶାର ପ୍ରତ୍ୟେକଟି ଲୋକଙ୍କ ଉଦ୍ୟମ ଜାରି ରହିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିଲା। ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ପରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡ଼ିଶାର ପ୍ରଖ୍ୟାତ କଣ୍ଠଶିଳ୍ପୀ ଦିବାକର ମିଶ୍ର ଓ ସହଯୋଗୀଙ୍କ ଦ୍ୱାରା ମେଲୋଡି ପରିବେଷିତ ହୋଇଥିଲା।

# ବିଭିନ୍ନ ସ୍ଥାନରେ ଧନଦାତ୍ରୀଙ୍କୁ ଆରାଧନା


ଭଞ୍ଜନଗର


ବୁଗୁଡ଼ା


ଜି. ଉଦୟଗିରି।


ପୁରୁଷୋତ୍ତମପୁର


ଗଞ୍ଜାମ


ହିଞ୍ଜିଳିକାଟୁ


ଶେରଗଡ଼

## ସଂକ୍ଷେପରେ

### ମହିଳାଙ୍କୁ ଦୁର୍ବ୍ୟବହାର କରି ଅଭିଯୁକ୍ତ ଗିରଫ

**ଧାମନଗର ୧୩।୧୦(ଡି.ଏନ.ଏ.):** ଜଣେ ବିଧବା ମହିଳାଙ୍କୁ ଦୁର୍ବ୍ୟବହାର କରିବା ଅଭିଯୋଗ କ୍ରମେ ଭଦ୍ରକ ଜିଲା ଧାମନଗର ଥାନା ପୋଲିସ ଅଭିଯୁକ୍ତ ନାରାୟଣ ସାହୁଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଏ ନେଇ ଥାନାରେ ଏକ ମାମଲା (ନଂ.୨୦୦/୧୯ ) ରୁଜୁ କରାଯାଇଥିବା ଏସଆଇ ମହେଶ୍ୱର ପ୍ରଧାନ ସୂଚନା ଦେଇଛନ୍ତି। ଗତ କିଛି ମାସ ପୂର୍ବରୁ ଏହି ମହିଳାଙ୍କ ସ୍ୱାମୀଙ୍କର ଦେହାନ୍ତ ଘଟିଥିଲା। ଏହି ସୁଯୋଗରେ ସହାୟତା ଆଳରେ ନାରାୟଣ ତାଙ୍କ ଘରକୁ ଯିବା ଆସିବା କରୁଥିଲେ। ତେବେ ଖରାପ ଦୃଷ୍ଟି ପକାଇବା କାରଣରୁ ଆରମ୍ଭରୁ ମହିଳାଜଣଙ୍କ ତାଙ୍କୁ ବିରୋଧ କରିଥିଲେ । ଗତ ୪ ତାରିଖ ରାତିରେ ନାରାୟଣ ମହିଳାଙ୍କ ଘରକୁ ଆସିଥିବାବେଳେ ଉଭୟଙ୍କ ମଧରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ନାରାୟଣ ଉତକ୍ଷିପ୍ତ ହୋଇ ମହିଳାଙ୍କୁ ଗାଳିଗୁଲଜ କରିବା ସହ ଟଣାଓଟରା କରିଥିବା ଥାନାରେ ଅଭିଯୋଗ ହୋଇଥିଲା। ଘଟଣାର ତଦନ୍ତ ପରେ ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଏସଆଇ ପ୍ରଧାନ -କହିଛନ୍ତି।

### କାର୍ ଧକ୍କାରେ ବୃଦ୍ଧ ମୃତ

**ତିହିଡ଼ି, ୧୩।୧୦(ଡି.ଏନ୍.ଏ.):** ଭଦ୍ରକ-ଚାନ୍ଦବାଲି ରାସ୍ତାର କାନପୁର ଘୋସରା ନିକଟରେ ରବିବାର ମଧାହ୍ନରେ ଏକ କାର ଧକ୍କାରେ ଜଣେ ବୃଦ୍ଧ ପ୍ରାଣ ହରାଇଛନ୍ତି। ମୃତକଙ୍କ ନାଁ ଗଙ୍ଗାଧର ବାରିକ(୬୫)। ଘର ତିହିଡ଼ି ଥାନା ବାମନବିନ୍ଧା ପଞ୍ଚାୟତ ଅଧୀନ କାନପୁର ଗ୍ରାମରେ। ସେ ସାଇକେଲ ଯୋଗେ ପୀରହାଟ ବଜାରକୁ ଯାଉଥିବା ବେଳେ ଭଦ୍ରକରୁ ଚାନ୍ଦବାଲି ଅଭିମୁଖେ ଯାଉଥିବା କାର୍ ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ଗଙ୍ଗାଧରଙ୍କୁ ତିହିଡ଼ି ଡାକ୍ତରଖାନାକୁ ଚିକିତ୍ସା ପାଇଁ ନିଆଯିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତିହିଡ଼ି ଥାନା ପୋଲିସ ଏକ ମକଦ୍ଦମା (ନଂ ୪୪୪/୧୯) ରୁଜୁ କରି କାର୍ ଚାଳକ ଚାନ୍ଦବାଲି ଥାନା ଉଗ୍ରତରା ଗ୍ରାମର ଦୁର୍ଯ୍ୟୋଧନ ନାୟକଙ୍କୁ ଗିରଫ କରିବା ସହ କାର୍‌କୁ ଜବତ କରିଛି।

### ଜଳିଗଲା ଗୁହାଳ, ୨ ଗୋରୁ ମୃତ

**ତିହିଡ଼ି, ୧୩।୧୦(ଡି.ଏନ୍.ଏ.):** ଭଦ୍ରକ ଜିଲା ତିହିଡ଼ି ଥାନା କୋହ୍ଲ ପଞ୍ଚାୟତ ଅଧୀନ ବଙ୍ଗାଳିପଡ଼ା ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ଗୋବର୍ଦ୍ଧନ ଦାସଙ୍କ ଗୋରୁ ଗୁହାଳ ସମେତ ୨ବଖରା ଘର ଜଳି ଯାଇଛି। ଗୁହାଳରେ ଥିବା ୨ଟି ଗୋରୁ ପୋଡ଼ିଯାଇ ପ୍ରାଣ ହରାଇଛନ୍ତି। ବିଦ୍ୟୁତ୍ ଶର୍ଟ ସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଇଛି। ତିହିଡ଼ିରୁ ଅଗ୍ନିଶମ ବାହିନୀ ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

## ଧାନଫସଲରେ ପତ୍ର ପୋଡ଼ିଯାଉଛି

**ଭଣ୍ଡାରିପୋଖରୀ, ୧୩।୧୦(ଡି.ଏନ୍.ଏ.)**


ଜଣେ ଚାଷୀ ଧାନଗଛ ନେଇ ଦୋକାନରେ ଦେଖାଇ କୀଟନାଶକ କିଣୁଛନ୍ତି।

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳରେ ଧାନ ଫସଲରେ ଥୋଡ଼ ହେବା ବେଳକୁ ଏହାର ପତ୍ର ପୋଡି ଯାଉଥିବାରୁ ଚାଷୀମାନେ ଚିନ୍ତାରେ ପଡିଛନ୍ତି। ପୋକ ଲାଗିବା କାରଣରୁ ଧାନଗଛ ଦୁର୍ବଳ ହୋଇପଡିବା ସହ ଏହାର ପତ୍ର ଅଗ ପୋଡି ଲାଲ ପଡିଯାଉଛି। ଟିମ୍ବର ନାମକ ରୋଗ ଧାନଗଛକୁ ଆକ୍ରାନ୍ତ କରୁଥିବା କୁହାଯାଉଛି। ଚାଷୀମାନେ କୀଟନାଶକ ଔଷଧ କିଣି ପ୍ରୟୋଗ କରୁଥିଲେ ମଧ କିଛି ସୁଫଳ ମିଳୁ ନାହିଁ।

ଏଥର ଅନିୟମିତ ବୃଷ୍ଟିପାତ ସତ୍ତ୍ୱେ ଏଥର ଚାଷୀ ବହୁକଷ୍ଟରେ ଧାନ ଚାଷ କରି ଅମଳ ଆଶା ବାନ୍ଧିଥିଲେ। ବ୍ଲକରେ ମୋଟ ୧୭ ହଜାର ହେକ୍ଟର ଚାଷ ଜମିରେ ଖରିଫ ଧାନ ଚାଷ ହୋଇଥିବା କୁହାଯାଉଛି। ରୋଗ ପୋକ ଦାଉରୁ ଫସଲକୁ ରକ୍ଷା କରିବା ସକାଶେ କୃଷି ବିଭାଗ ବିଭିନ୍ନ ପଞ୍ଚାୟତରେ ପୂର୍ବରୁ ସଚେତନତା କର୍ମଶାଳା କରିଥିବାବେଳେ ବର୍ତ୍ତମାନର ସ୍ଥିତି ଚିନ୍ତାଜନକ ହୋଇଛି। ଏହି ବ୍ଲକର ଜଳମଣ୍ଡୁଆ, ନିର୍ଗୁଣ୍ଡି, ପାଇମହୁରା ଅଞ୍ଚଳରେ ୧୦୦୯ ଓ ଶିବା ଧାନ କିସମ କ୍ଷେତରେ ଥୋଡ ଆସିବା ବେଳକୁ ଏହାର ପତ୍ର ପୋଡି ଯାଉଥିବା ଦେଖିବାକୁ ମିଳୁଛି। କେତେକ ଚାଷୀ ଧାନଗଛ ଉପାଡି ଆଣି ଖୁଚୁରା କୀଟନାଶକ ଦୋକାନରେ ଦେଖାଇ କୀଟନାଶକ ନେଉଥିବା କହିଛନ୍ତି। ଏନେଇ ଭଣ୍ଡାରିପୋଖରୀ ବ୍ଲକ କୃଷି ଅଧିକାରୀ ବ୍ରଜକିଶୋର ବେହେରାଙ୍କୁ ପଚାରିବାରୁ କହିଛନ୍ତି, ପାଣିପାଗର ପରିବର୍ତ୍ତନ ଲାଗି ଧାନ ଫସଲରେ ପତ୍ର ପୋଡା ଓ କାଣ୍ଡବିନ୍ଧା ପୋକ ଲାଗୁଛନ୍ତି।

## ବିଭିନ୍ନ ସ୍ଥାନରେ ମା' ଗଜଲକ୍ଷ୍ମୀଙ୍କ ପୂଜା

**ଛତ୍ରପୁର,୧୩।୧୦(ଡି.ଏନ୍.ଏ.)**

ବିଭିନ୍ନ ସ୍ଥାନରେ ରବିବାର ଠାରୁ ଗଜଲକ୍ଷ୍ମୀ ପୂଜା ଆରମ୍ଭ ହୋଇଛି। ଛାତ୍ରପୁରସ୍ଥିତ ଲୋୟରବସ୍‌ଷ୍ଟାଣ୍ଡ ଲକ୍ଷ୍ମୀବଜାର ମାର୍କେଟ କମ୍ପ୍ଲେକ୍ସଠାରେ ମା' ଗଜଲକ୍ଷ୍ମୀଙ୍କ ମୃଣ୍ମୟୀ ମୂର୍ତ୍ତିକୁ ପୂଜାର୍ଚ୍ଚନା ଆରମ୍ଭ ହୋଇଛି। ଆଚାର୍ଯ୍ୟ ସରୋଜ ଶତପଥୀ, ନୃସିଂହ ଚରଣ ପଣ୍ଡା ଓ ସୁମନ ପଣ୍ଡାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏଥିରେ ଲକ୍ଷ୍ମୀବଜାର ପୂଜା କମିଟିର ସଭାପତି ବସନ୍ତ କୁମାର ମହାରଣା, ସମ୍ପାଦକ ପ୍ରଦୀପ କୁମାର ସାହୁ, ଉପସଭାପତି ମନୋଜ କୁମାର ସାହୁ, ଆରତି ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

**ଭଞ୍ଜନଗର–** ଭଞ୍ଜନଗର ନିୟନ୍ତ୍ରୀତ ବଜାର କମିଟି, ଅଗଖୋଳ, ଆରସିରୋଡ, ବାଉଁଶଲୁଣ୍ଡି ପ୍ରମୁଖ ସ୍ଥାନରେ ଗଜଲକ୍ଷ୍ମୀ ପୂଜା ପାଳିତ ହେଉଛି। ସନ୍ଧ୍ୟାରେ ପୂଜା ମଣ୍ଡପ ଗୁଡ଼ିକ ଆଲୋକମାଳାରେ ଝଲସୁଛି।

**ହିଞ୍ଜିଳିକାଟୁ–** ହିଞ୍ଜିଳିକାଟୁ ତାରାତାରିଣୀ ଭେଜିଟେବୁଲ ମାର୍କେଟ ଓ ବଇଁଚବଣିଆ ପୂଜା କମିଟି ପକ୍ଷରୁ ଗଜଲକ୍ଷ୍ମୀ ପୂଜା ପାଳିତ ହୋଇଛି। ଅନ୍ୟପକ୍ଷରେ କୁମାର ପୂର୍ଣ୍ଣିମା ନିମନ୍ତେ ବିଭିନ୍ନ ସ୍ଥାନରେ ଚନ୍ଦ୍ର ପୂଜା , ଜହ୍ନିଓଷା ଉଦ୍‌ଯାପିତ ପର୍ବ ଆନନ୍ଦ ଓ ଉତ୍ସାହ ମଧ୍ୟରେ ପାଳିତ ହୋଇଛି। ସନ୍ଧ୍ୟାରେ ଚନ୍ଦ୍ରଙ୍କୁ ଲିଆ ଓ କଉଡ଼ିରେ ପୂଜା କରାଯାଇଥିଲା।

**ଶେରଗଡ଼–** ଶେରଗଡ଼ ବଡଦାଣ୍ଡ ସାହି, ସାମନ୍ତ ସାହିରେ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଥିଲା। ସ୍ନାନ ମଣ୍ଡପକୁ ଲାଗି ଓ ତାର ସମ୍ମୁଖରେ ଏହି ପୂଜା ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ କଳସ ଯାତ୍ରା ପରେ ସନ୍ଧ୍ୟାରେ ପୂଜାର୍ଚ୍ଚନା ହୋଇଥିଲା।

**ଦିଗପହଣ୍ଡି–** ଦିଗପହଣ୍ଡି ବ୍ଲକ ପଦ୍ମନାଭପୁର ଗ୍ରାମରେ ଗଜଲକ୍ଷ୍ମୀଙ୍କ ପୂଜା ଅନୁଷ୍ଠିତ ହୋଇଛି। ରବିବାର ଲକ୍ଷ୍ମୀପୂଜା କମିଟି ପକ୍ଷରୁ ଆୟୋଜିତ କଳସ ଯାତ୍ରାରେ ଗ୍ରାମର ଶହେରୁ ଊର୍ଦ୍ଧ୍ୱ ମହିଳା ସ୍ଥାନୀୟ ନୀଳକଣ୍ଠେଶ୍ୱର ମନ୍ଦିର ନିକଟ ଥାଟରାଜ ପୋଖରୀରୁ ଜଳ ପୂର୍ଣ୍ଣ କଳସ ଧରି ଶୋଭାଯାତ୍ରାରେ ନଗର ପରିକ୍ରମା କରି ପୂଜା ମଣ୍ଡପରେ ପହଞ୍ଚିଥିଲେ। ସେଠାରେ ପୂଜା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ସେହିପରି ଗୌଡଗାଁରେ ବିଘ୍ନେଶ୍ୱର ଯୁବକ ସଂଘ ପକ୍ଷରୁ ଗଜ ଲକ୍ଷ୍ମୀଙ୍କ ପାଳିତ ହୋଇଛି।

**ବୁଗୁଡ଼ା–** ବୁଗୁଡ଼ା ବ୍ଲକ ଓ ଏନ୍ଏସିର ବିଭିନ୍ନ ସ୍ଥାନରେ କୁମାର ପୂର୍ଣ୍ଣିମା ଅବସରରେ ଗଜଲକ୍ଷ୍ମୀ ପୂଜା ପାଳିତ ହୋଇଯାଇଛି। ବୁଗୁଡ଼ା ଏନ୍ଏସି ବଡ଼ଦାଣ୍ଡ ସାହି, ହାଇସ୍କୁଲ ଛକ, ବ୍ଲକ କଲୋନୀ, ବାଲିପିଣ୍ଡି ସାହି, କାଦପଡ଼ା, ବିରଧନଞ୍ଜୟପୁର ଓ ଜଗତପାଟଣାରେ ଗଜଲକ୍ଷ୍ମୀଙ୍କ ମୃଣ୍ମୟୀ ମୂର୍ତ୍ତିକୁ ସ୍ଥାପନ କରି ପୂଜା କରାଯାଇଥିଲା। ବ୍ଲକର ଚିରିକିପଡ଼ା, ଚଢ଼ିଆପଲ୍ଲୀ, ଖୋଳଖାଳି, ବି.କରଡ଼ାବାଡ଼ି, ଆଦିପୁର ଆଦି ଗ୍ରାମାଞ୍ଚଳରେ ମଧ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଛି।

**ପୁରୁଷୋତ୍ତମପୁର–** ପୁରୁଷୋତ୍ତମପୁରରେ ଗଜଲକ୍ଷ୍ମୀ ପୂଜା ଓ କୁମାର ପୂର୍ଣ୍ଣିମା ପାଳିତ ହୋଇଯାଇଛି। ରଥସାହିରେ ମା' ଗଜଲକ୍ଷ୍ମୀଙ୍କ ମେଢ ନିର୍ମାଣ ସହ ରଙ୍ଗୀନ ଆଲୋକରେ ସଜ୍ଜିତ କରାଯାଇଛି। କୁମାରୀ, ଚିଙ୍ଗୁଡିଆପଦର ସାହି, ନନ୍ଦିକ ସାହିରେ ମଧ ମେଢ ମାନ ନିର୍ମାଣ କରାଯାଇଛି।

**ଚିକିଟି–** ଚିକିଟି ବ୍ଲକ୍ ନୂଆପଡା ଗ୍ରାମର କେଉଟ ସାହିରେ କୁମାର ପୂର୍ଣ୍ଣିମା ଉପଲକ୍ଷେ ରବିବାର ଗଜଲକ୍ଷ୍ମୀ ପୂଜା ପାଳିତ ହୋଇଯାଇଛି । ସାହିର ଶତାଧିକ ମହିଳା ବାହୁଦା ନଦୀରୁ ଜଳକଳସ ଧରି ଅସ୍ଥାୟୀ ମନ୍ଦିର ନିକଟରେ ପହଞ୍ଚିଥିଲେ। ପରେ ପୂଜାକର୍ମ ଆରମ୍ଭ ହୋଇଥିଲା।

**ଚନ୍ଦ୍ରଗିରି–** ମୋହନା ବ୍ଲକ ଚନ୍ଦ୍ରଗିରିର ନୂଆସାହି, ଘଡେଇସାହି, ରାଉତସାହି ଏବଂ ହାଟପଦା ମେଡିକାଲ ଛକରେ ଗଜଲକ୍ଷ୍ମୀ ପୂଜା ଆରମ୍ଭ ହୋଇଛି। ରଘୁନାଥ ଗଣ୍ଡ ଝରଣାରୁ ମହିଳାମାନେ ଜଳକଳସ ଧରି ପହଞ୍ଚିବା ପରେ ପୁରୋହିତ ପ୍ରତାପଚନ୍ଦ୍ର ଷଡ଼ଙ୍ଗୀ ପୂଜାର୍ଚ୍ଚନା କରିଥିଲେ। ପରେ ମହିଳା ଓ ପୁରୁଷ ମାନେ କଳସରେ ଗଙ୍ଗା ଜଳ ଭରି କଳସଯାତ୍ରା କରି ନିଜ ପୂଜା ମଣ୍ଡପକୁ ଫେରିଥିଲେ। ପରେ ପୂଜାକାର୍ଯ୍ୟ ଆରମ୍ଭ ହୋଇଥିଲା।

## ବଢ଼ି ଚାଲିଛି ମାପ ଓଜନ ଠକେଇ


ଭଡା ଘରେ ଚାଲିଛି ଓଜନ ଓ ମାପ କାର୍ଯ୍ୟାଳୟ।

**ଭଦ୍ରକ ଅଫିସ, ୧୩।୧୦**

- ନାଁକୁ ଚାଲିଛି ବୈଧ ମାପବିଜ୍ଞାନ ନିରୀକ୍ଷକଙ୍କ କାର୍ଯ୍ୟାଳୟ
- ଦୁଇଟି ଟେବୁଲ ପଡିଛି, ନାହାନ୍ତି କର୍ମଚାରୀ
- ୨ ଅଧିକାରୀଙ୍କୁ ଏକାଧିକ ଦାୟିତ୍ୱ

ଭଦ୍ରକ ଜିଲା ସଦର ମହକୁମା ବଙ୍କସାହି ଠାରେ ଦୀର୍ଘ ୩୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ବୈଧ ମାପବିଜ୍ଞାନ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଏକ ଭଡ଼ା ଘରେ ଚାଲିଛି । କାର୍ଯ୍ୟାଳୟର ଦୁରବସ୍ଥା କହିଲେ ନ ସରେ । କେବଳ ଦୁଇଟି ଟେବୁଲ ପଡିଛି, କମ୍ପ୍ୟୁଟର କିମ୍ବା ଅନ୍ୟ ଆନୁଷଙ୍ଗିକ ସୁବିଧା ନାହିଁ । ଆବଶ୍ୟକ କର୍ମଚାରୀ ଅଭାବରୁ କାର୍ଯ୍ୟାଳୟରେ ଅଚଳାବସ୍ଥା ଲାଗି ରହୁଛି। ଘରର ଛାତ ଭାଙ୍ଗିରୁଜି ଯାଇଥିଲେ ବି ଏହାକୁ ମରାମତି କରାଯାଉ ନାହିଁ । ଏଭଳି ଅବ୍ୟବସ୍ଥା ସ୍ଥିତିରେ ଜିଲାର ଗ୍ରାହକମାନେ ମାପ ଓଜନରେ ବ୍ୟାପକ ଠକେଇର ଶିକାର ହେଉଥିବା ଅଭିଯୋଗ କରୁଛନ୍ତି।

ଭଦ୍ରକ ଜିଲାରେ ୭ଟି ବ୍ଲକ, ଗୋଟିଏ ଏନ୍ଏସି ଓ ଦୁଇଟି ପୌରପାଳିକା ରହିଛି। ଏହା ଅଧୀନରେ ଥିବା ସମସ୍ତ ବ୍ୟବସାୟିକ ଅନୁଷ୍ଠାନ, ପେଟ୍ରୋଲ ପମ୍ପ, ରାଇସ୍ ମିଲ୍ ଭଳି ବିଭିନ୍ନ ବ୍ୟବସାୟିକ ସଂସ୍ଥାରେ ଉପଯୁକ୍ତ ଓଜନ ଓ ମାପ ଯନ୍ତ୍ର ପରୀକ୍ଷଣ କରିବା ଏହି କାର୍ଯ୍ୟାଳୟର ମୁଖ କାର୍ଯ୍ୟ। ୭ ବ୍ଲକରେ ୭ ନିରୀକ୍ଷକ ପଦବୀ ଥିବାବେଳେ କେବଳ ଭଦ୍ରକରେ ଜଣେ ମାତ୍ର ନିରୀକ୍ଷକ କାମ ଚଳାଉଛନ୍ତି। ଏଭଳି ପରିସ୍ଥିତିର ସୁଯୋଗ ନେଇ କେତେକ ବ୍ୟବସାୟିକ ସଂସ୍ଥା ଓ ପେଟ୍ରୋଲ ପମ୍ପ ଗ୍ରାହକଙ୍କୁ ଓଜନ ଓ ମାପରେ ଠକୁଛନ୍ତି। ବର୍ତ୍ତମାନ ଜିଲା ମୁଖ୍ୟ କାର୍ଯ୍ୟାଳୟରେ ଜଣେ ନିରୀକ୍ଷକ ଜଣେ ସହକାରୀ ନିୟନ୍ତ୍ରକଙ୍କୁ ନେଇ ଜିଲା ତମାମ ଚଢାଉ କରି ଧରପଗଡ଼ କରୁଥିବା କୁହାଯାଉଛି। ବିଭାଗ ପକ୍ଷରୁ ମିଳୁଥିବା ସୂଚନା ଅନୁଯାୟୀ, ଜିଲାରେ ୪୧ ଟି ପେଟ୍ରୋଲ ପମ୍ପ ଥିବା ବେଳେ ଚଳିତ ବର୍ଷ ଏପ୍ରିଲରୁ ସେପ୍ଟେମ୍ବର ମଧରେ ମାତ୍ର ୪ ଟି ପେଟ୍ରୋଲ ପମ୍ପରେ ଚଢାଉ କରାଯାଇ ଜରିମାନା ଆଦାୟ କରାଯାଇଛି। ଏହାବାଦ ଅନ୍ୟ ଧରପଗଡ ଘଟଣାରେ ୭୪ ମାମଲା ରୁଜୁ କରାଯାଇ ୭୧, ୨୦୦ ଟଙ୍କା ଜରିମାନା ସଂଗ୍ରହ କରାଯାଇଛି। ମୋଟ ୧୧ ଲକ୍ଷ ୮୪ ହଜାର ୨୭୨ ଟଙ୍କା ରାଜସ୍ୱ ସଂଗ୍ରହ ହୋଇଛି। ବିସ୍ମୟର କଥା ଯେ, ଏଠାରେ କାର୍ଯ୍ୟରତ ଥିବା ଜଣେ ନିରୀକ୍ଷକଙ୍କୁ ଯାଜପୁର ଇଣ୍ଡଷ୍ଟ୍ରି ଲାଗି ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ସେହିପରି ସହକାରୀ ନିୟନ୍ତ୍ରକଙ୍କୁ ଭଦ୍ରକ ଓ ଜଗତ୍‌ସିଂହପୁର ଦାୟିତ୍ୱ ତୁଲାଇବା ସହ ଖୋର୍ଦ୍ଧାର ଟେକ୍ନିକାଲ ଟିମ୍ ଦାୟିତ୍ୱ ଦିଆଯାଇଛି। କାର୍ଯ୍ୟାଳୟରେ ଆବଶ୍ୟକ କର୍ମଚାରୀ ନ ଥିବାରୁ ଅନେକ ବ୍ୟବସାୟୀ ବଟକରା ମାପ ଓଜନ ତନଖି କରିବାକୁ ଆସି ନିରାଶ ହୋଇ ଫେରୁଥିବା ଅଭିଯୋଗ କରୁଛନ୍ତି। ବ୍ୟବସାୟୀ ରତ୍ନାକର ବେହେରା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ବଟକରା ସିଲ୍ କରିବା ପାଇଁ ଦୁଇଥର ଅଫିସ ଯାଇ ଫେରି ଆସିଛି। କାର୍ଯ୍ୟାଳୟରେ ଅଧିକାଂଶ ତାଲା ପଡୁଥିବା ଦେଖିବାକୁ ମିଳୁଛି। ସିଲ୍ କରିବା ସମୟ ଗଡିଗଲେ ଅଧିକ ଫାଇନ୍ ଦେବାକୁ ପଡୁଛି। ସ୍ଥାନୀୟ ଗ୍ରାହକ ରମେଶ ନାୟକ କହିଛନ୍ତି, ଆମକୁ ଦୈନିକ ମାଛ ବଜାରରେ ଓଜନରେ ଠକିବାକୁ ପଡୁଛି। ଓଜନ ଓ ମାପ ବିଭାଗର ସ୍ଥାଣୁତା ପାଇଁ ସାଧାରଣ ଗ୍ରାହକ ଠକେଇର ଶିକାର ହେଉଛନ୍ତି। ସେହିପରି ଗ୍ରାହକ ଗଣେଶ ପ୍ରସାଦ ବାରିକ କହିଛନ୍ତି ବଜାରରୁ ୧ କେଜି ମାଛ କିଣି ଅନ୍ୟ ଦୋକାନରେ ଓଜନ କରିବାରୁ ତାହା ୯ଶହ ହେଲା। ପରେ ଜଣାଗଲା କେଜିକିଆ ବଟକରାକୁ ସେମାନେ ଗ୍ରାଇଣ୍ଡିଂ କରି ଏଭଳି ଠକେଇ କରୁଛନ୍ତି। ଏନେଇ ନିରୀକ୍ଷକ ଦାୟିତ୍ୱରେ ଥିବା ଅଞ୍ଜନ କୁମାର ଜେନାଙ୍କୁ ପଚାରିବାରୁ କହିଛନ୍ତି, ସ୍ୱଳ୍ପ କର୍ମଚାରୀଙ୍କୁ ନେଇ କାମ କରିବାରେ ବହୁ ଅସୁବିଧା ହେଉଛି। ତଥାପି ଗାହକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଜିଲାରେ ରାଜସ୍ୱ ଲକ୍ଷ୍ୟ ପୂରଣ ପାଇଁ ଉଦ୍ୟମ କରାଯାଉଛି।

## 'ସମାଜର ବାସ୍ତବଚିତ୍ର କବିତାକୁ କରେ କାଳଜୟୀ'


ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

**ତିହିଡ଼ି, ୧୩।୧୦(ଡି.ଏନ୍.ଏ.)**

ସାହିତ୍ୟର ଆବେଦନ ଚିରନ୍ତନ। ସାହିତ୍ୟର ବିଭିନ୍ନ ବିଭାଗ ମଧରେ ଗୀତି କବିତାର ଲାଳିତ୍ୟ ପାଠକଙ୍କୁ ବିମୋହିତ କରିଥାଏ। ସମାଜର ବାସ୍ତବଚିତ୍ର କବିତାରେ ପ୍ରତିଫଳିତ ହେଲେ ତାହା କାଳଜୟୀ ହୋଇଥାଏ ବୋଲି ଭଦ୍ରକ ଜିଲା ତିହିଡ଼ି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ରବିବାର ଆୟୋଜିତ ସାରସ୍ୱତ ଉତ୍ସବରେ ଅତିଥିମାନେ ମତ ବ୍ୟକ୍ତ କରିଛନ୍ତି। ଏହି ସମାରୋହରେ କବି ପୁଷ୍ପାଞ୍ଜଳି ତ୍ରିପାଠୀଙ୍କ ଗୀତିକବିତା ସଙ୍କଳନ 'ଭସାମେଘର ଛାଇ' ଉନ୍ମୋଚିତ ହୋଇଥିଲା। କବି ଭଗବାନ ପାଣିଗ୍ରାହୀ ସଭାରେ ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥି ଧାମନଗର ବିଧାୟକ ତଥା ଘାସଫୁଲ ପତ୍ରିକାର ସମ୍ପାଦକ ବିଷ୍ଣୁ ସେଠୀ ଗୀତିକବିତାର ସାରସ୍ୱତ ଆବେଦନ ଏବଂ ମୁଖ୍ୟବକ୍ତା କବି ହୃଦାନନ୍ଦ ପାଣିଗ୍ରାହୀ କବିତାରେ ସମାଜର ବାସ୍ତବଚିତ୍ର ପରିସ୍ଫୁଟନ ସମ୍ପର୍କରେ ଆଲୋକପାତ କରିଥିଲେ। ସମାଜସେବୀ ଲକ୍ଷ୍ମୀଧର ସେନାପତି ସମ୍ମାନନୀୟ ଅତିଥି ଏବଂ ଅଧାପକ ପ୍ରଦୀପ୍ତ କୁମାର ମିଶ୍ର ଅନ୍ୟତମ ଅତିଥିଭାବେ ଯୋଗଦେଇ ଉନ୍ମୋଚିତ ପୁସ୍ତକର ସମୀକ୍ଷା କରିଥିଲେ। ପ୍ରଥମ ଅଧିବେଶନରେ ଅନୁଷ୍ଠିତ କବିତା ପାଠୋତ୍ସବରେ ଗୀତିକାର ପଞ୍ଚାନନ ନାୟକ ପୌରୋହିତ୍ୟ କରିଥିଲେ । କବି ସଞ୍ଜୁକ୍ତା ଭାରତୀ, କବି କୃପାସିନ୍ଧୁ ମହାନ୍ତି ଓ ବିଜୟ ବେହେରା ଏଥିରେ ସଂଯୋଜନା କରିଥିଲେ। କବି ନୀଳମାଧବ ସେନାପତି ଅତିଥି ପରିଚୟ ଓ ଅମୂଲ୍ୟ ସେନାପତି ସ୍ୱାଗତ ଭାଷଣ ଦେଇଥିଲେ। ପ୍ରକାଶକ ପ୍ରଭାତ କୁମାର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ତିହିଡ଼ି ସଙ୍ଗୀତ ମହାବିଦ୍ୟାଳୟ ଅଧକ୍ଷ ସୁଦର୍ଶନ ନାୟକ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ।

